ବର୍ଷ-୨୪, ସଂଖ୍ୟା-୨୭୦
ଭୁବନେଶ୍ୱର
୦୩ ନଭେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 270
Bhubaneswar
03 November, 2024 Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବଲାଙ୍ଗିର ଜିଲ୍ଲାରେ ୮୯୦ କୋଟି ଟଙ୍କାର ୮୩ଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଆଜିଠୁ ଆରମ୍ଭ ହେଲା ବଲାଙ୍ଗୀରର ବିକାଶଧାରା

ବଲାଙ୍ଗୀର,୨।୧୧(ମହାଭାରତ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇ ବେଲପଡା ଓ ପାଟଣାଗଡ ଠାରେ ବଲାଙ୍ଗିର ଜିଲ୍ଲା ପାଇଁ ୮୯୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଛନ୍ତି। ଜଳ ସେଚନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ପାଇପ ଜଳ ଯୋଗାଣ ପ୍ରକଳ୍ପ, ସେତୁ ନିର୍ମାଣ ପ୍ରକଳ୍ପ, ସଡକ ନିର୍ମାଣ ପ୍ରକଳ୍ପ ଭଳି ସମୁଦାୟ ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବେଲପଡା ଓ ପାଟଣାଗଡରେ ଏଥି ପାଇଁ ଆୟୋଜିତ ଦୁଇଟି ଜନସଭାରେ ଉଦ୍‌ବୋଧନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ପ୍ରଥମେ ତୁଷୁରା ଏୟାରଷ୍ଟ୍ରିପ ଠାରେ ୬୫ କୋଟି ଟଙ୍କା ବ୍ୟୟରେ ୧୩୩୦ ମିଟର ଏୟାରଷ୍ଟ୍ରିପ ରନୱେର ଉନ୍ନତି କରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉନ୍ନତି କରଣ ପରେ ଏହି ଏୟାରଷ୍ଟ୍ରିପ ୨-ଇ ବର୍ଗରେ ଅନ୍ତର୍ଭୁକ୍ତ ହେବ ଏବଂ ଏହା ଦ୍ୱାରା ବଲାଙ୍ଗିର ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଯାତ୍ରା ସମ୍ଭବ ହୋଇ ପାରିବ ଏବଂ ଏହା ଜିଲ୍ଲାର ବିକାଶକୁ ଆହୁରି ଗତିଶୀଳ କରିବ। ଏହା ପରେ ମୁଖ୍ୟମନ୍ତ୍ରୀ ୩୦୦ କୋଟିରୁ ଅଧିକ ଟଙ୍କା ପ୍ରକଳ୍ପ ମୂଲ୍ୟରେ ବେଲପଡା ବ୍ଲକର ଅପର ଲାଙ୍ଗୁ ଜଳସେଚନ ପ୍ରକଳ୍ପର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଓଡିଶାର ଯେଉଁ ବ୍ଲକରେ ଜଳସେଚନ ହାର କମ୍ ଅଛି ସେ ସବୁ ବ୍ଲକରେ ଅଧିକରୁ ଅଧିକ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅପର ଲାଙ୍ଗୁ ପ୍ରକଳ୍ପ ଏହି ପଦକ୍ଷେପର ଅଂଶ ବିଶେଷ। ଆଜିଠାରୁ ଆରମ୍ଭ ହେଲା ବଲାଙ୍ଗିର ବିକାଶର ଧାରା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ପରେ ଉଭୟ ଖରିଫ ଏବଂ ରବି ଋତୁରେ ୧୫ ହଜାର ଏକରରୁ ଅଧିକ ଜମି ଜଳସେଚିତ ହେବ ଏବଂ ଏହା ଦ୍ୱାରା ବେଲପଡା ବ୍ଲକର ୨୫ ଟି ଗାଁର ୩୮ ହଜାରରୁ ଅଧିକ ଚାଷୀ ଉପକୃତ ହେବେ। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଏଣିକି ଚାଷୀମାନେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ପାଇବେ। ଧାନ ବିକ୍ରିରେ କଟନୀ ଛଟନି ରହିବ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବେଲପଡା ବ୍ଲକ ତଥା ବଲାଙ୍ଗିର ଜିଲ୍ଲାର ପାଣି ସମସ୍ୟାର ସମାଧନ ଲାଗି ଏହି

ପ୍ରକଳ୍ପ ଗୋଟିଏ ବଳିଷ୍ଠ ପଦକ୍ଷେପ ଏବଂ ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରାଯିବ। ଲୋୟର ସୁକତେଲ ପ୍ରକଳ୍ପର ଟଙ୍କା ବାଟମାରଣା ଭଳି ଭୁଲ ଆମ ସରକାରରେ ହେବ ନାହିଁ। ଅପର ଲାଙ୍ଗୁ ଜଳସେଚନ ପ୍ରକଳ୍ପ ବେଲପଡା ତଥା ବଲାଙ୍ଗିର ଜିଲ୍ଲାରେ ସେଚ ବିପ୍ଳବ ଆଣିବ। ଲାଙ୍ଗୁ ନଦୀ ଉପରେ ୨୪୯୫ ମିଟର ଲମ୍ବା ଡ୍ୟାମରେ ଜଳ ବିଦ୍ୟୁତ ଶକ୍ତି ୟୁନିଟ୍ ଦ୍ୱାରା ୨୧୦ କିଲୋ ୱାଟ୍ ବିଜୁଳୀ ଉତ୍ପାଦନ ପାଇଁ ବ୍ୟବସ୍ଥା ମଧ୍ୟ ହେବ। ଏହି ପ୍ରକଳ୍ପ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ।

ମୁଖ୍ୟମନ୍ତ୍ରୀ ଜିଲ୍ଲା ବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ବଲାଙ୍ଗିର ଜିଲ୍ଲା ହେଉଛି ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର। ଗତ ୭୫ ବର୍ଷରେ ହୋଇଥିବା ଅନ୍ୟାୟ ଓ ବିକାଶର ଅସମାନତାକୁ ଦୂର କରିବା ପାଇଁ ଆମ ସରକାର ବଦ୍ଧପରିକର।

ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପାଟଣାଗଡ ଉପଖଣ୍ଡ ମେଡିକାଲ ଓ ଡାଏଲିସିସ୍ କେନ୍ଦ୍ର ଏବଂ ଟିଟଲାଗଡରେ ଏକ ଡାଏଲିସିସ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏଥି ସହିତ ପାଟଣାଗଡର ବହୁ ପ୍ରତିକ୍ଷିତ ବାଇପାସ୍ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୧୮ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ବାଇପାସ୍ ରୋଡରେ ୪ଲେନ୍ ବଶିଷ୍ଟ ରାସ୍ତା, ସୁବର୍ଣ୍ଣରେଖା ଓ ମାୟାବତୀ ନାଳ ଉପରେ ଦୁଇଟା ସେତୁ, ୨୮ଟି ନ୍ୟୁ ବକ୍ସ ସେଲ୍ କଲଭର୍ଟ ନିର୍ମାଣ ହେବ। ଏହି ବାଇପାସ ରୋଡ ଦ୍ୱାରା ପାଟଣାଗଡର ଟ୍ରାଫିକ୍ ସମସ୍ୟା ଦୂର ହେବ।

ଖୋର୍ଦ୍ଧା–ବଲାଙ୍ଗିର ରେଳ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରେ ଏହି ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ବେଗରେ ଆଗେଇ ଚାଲିଛି। ଉଭୟ ପଟୁ ୧୫୨ କିଲୋମିଟରରୁ ଅଧିକ କାମ ସରିଯାଇଛି। ଖୁବ୍ ଶୀଘ୍ର ସୋନପୁରରୁ ପୁରୁଣା କଟକ ପର୍ଯ୍ୟନ୍ତ ୭୩ କିଲୋମିଟର ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ହେବ ଏବଂ ବହୁ ପ୍ରତିକ୍ଷିତ ଖୋର୍ଦ୍ଧା – ବଲାଙ୍ଗିର ମଧ୍ୟରେ ରେଳ ଚାଲିବ। ଓଡିଶା ପ୍ରତି ଏହା ମୋଦୀଜୀଙ୍କ ଭଲପାଇବାର ନିଦର୍ଶନ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ବଲାଙ୍ଗିର ଜିଲ୍ଲାରେ ବିକାଶର ଗତି ଏକ୍ସେପ୍ରେସ୍ ସ୍ପିଡ୍‌ରେ ଚାଲିଛି। ରାଜ୍ୟରେ ଡବଲ ଇଞ୍ଜିନ ଓ ବଲାଙ୍ଗିରରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। କାରଣ ଏହି ଜିଲ୍ଲାର ଦୁଇଜଣ ଜନପ୍ରତିନିଧି ଓଡିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏଥି ସହିତ ଅନେକ ସାଂସଦ ଓ ବିଧାୟକ ମଧ୍ୟ ଜିଲ୍ଲାରୁ ସରକାରୀ ଦଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଡବଲ ଇଞ୍ଜିନ ସରକାର ଓଡିଶାରେ ବିକାଶର ନୂଆ ଇତିହାସ ଲେଖିବା ପାଇଁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ ଏହି ଅପର ଲାଙ୍ଗୁ ପ୍ରକଳ୍ପରେ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ମୋ ବିଭାଗର ସମ୍ପୃକ୍ତି ରହିଛି ତେଣୁ ଏହି ପ୍ରକଳ୍ପ କାମ ଖୁବ୍ ଶୀଘ୍ର ସମ୍ପନ୍ନ ହେବ। ଆମ ସରକାର କ୍ଷମତାକୁ ଆସିବା ପରେ ଏହି ସବୁ ପ୍ରକଳ୍ପର ଶୁଭାରମ୍ଭ ହୋଇଛି ଏବଂ ଏଗୁଡିକର ଉଦ୍‌ଘାଟନ ମଧ୍ୟ ଆମ ସରକାର କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲୋକ୍ଟ୍ରୋନିକସ ଓ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲବାର ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ।

ନଭେମ୍ବର ଶେଷ ସପ୍ତାହରେ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର,୨।୧୧ (ମହାଭାରତ): ନଭେମ୍ବର ଶେଷ ସପ୍ତାହରେ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରାର ତୃତୀୟ ପର୍ଯ୍ୟାୟ ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି। ଡିସେମ୍ବରରେ ମିଳିବ ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଡିସେମ୍ବର ଶେଷ ସୁଦ୍ଧା ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ଯୋଗାଇ ଦେବେ ରାଜ୍ୟ ସରକାର। ଖାରଜ ହୋଇଥିବା ଆବେଦନ ରି-ଚେକ ପାଇଁ ବିଡ଼ିଓଙ୍କୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ସ୍ତରରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନେଇ ତିନି ଜଣିଆ କମିଟି ଗଠନ କରାଯାଇଛି। ଖାରଜ ହୋଇଥିବା ହିତାଧିକାରୀଙ୍କୁ ଅଙ୍ଗନ ବାଡ଼ି ଦିଦିଙ୍କ ମାଧ୍ୟମରେ ଖାରଜ ହୋଇଥିବା ହିତାଧିକାରୀଙ୍କୁ ନୋଟିସ ହେବ। ଜମି ଆଧାରରେ ଯେଉଁ ମାନଙ୍କର ଖାରଜ ହୋଇଛି ତହସିଲଦାର ଓ ଆରଆଇଙ୍କ ଦ୍ୱାରା

ଆଉ ଥରେ ଯାଂଚ କରାଯିବ। ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନ ମଧ୍ୟରୁ ଜମି ଆଧାରରେ ଖାରଜ ହୋଇଥିବାଙ୍କ ସଂଖ୍ୟା ଅଧିକ। ସେହିପରି ବ୍ୟାଙ୍କ ଲିଙ୍କେଜ ନ ଥିବାରୁ କଟିଥିଲେ ସେମାନେ ବ୍ୟାଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ସ୍ୱଷ୍ଟିକରଣ ଦାଖଲ କରିବେ। ଅଙ୍ଗନବାଡି କର୍ମୀ ଏବଂ ଏମବିକେ ମାନଙ୍କୁ ସରକାରୀ ଚାକରିଆ ଭାବେ କଟାଯାଇଛି। ସେମାନଙ୍କର ମଧ୍ୟ ଯାଂଚ କରାଯାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି।

ପର୍ଯ୍ୟଟନ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ୫ ଦିନିଆ ଲଣ୍ଡନ ଗସ୍ତ। ପର୍ଯ୍ୟଟନ ଭିତ୍ତିଭୂମିରେ ଓଡିଶା ପଛୁଆ ଥିବାରୁ ଏ ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି। ଲଣ୍ଡନରେ ଟୁର ଅପେରେଟର ଓ ଟୁର ଗାଇଡ଼ମାନଙ୍କ ସହ ଆଲୋଚନା ହେବ। ବୈଠକରେ ପୁଞ୍ଜିନିବେଶକାରୀ ବି ରହିବେ।

ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୂଳ ବିଷୟ ସହ ଯୋଡିବା

ଢେଙ୍କାନାଳ,୨।୧୧ (ମହାଭାରତ): ଆମକୁ ଆମ ଛାତ୍ରଛାତ୍ରୀଙ୍କ ଦକ୍ଷତା ବଢାଇବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ତଥା ଶିକ୍ଷାର ମୂଳକୁ ମଜଭୂତ୍ କରିବାକୁ ହେବ । ଆମର ପରିଚୟ ଏବଂ ଅସ୍ମିତା କ'ଣ, ତା' ଉପରେ ପିଲାମାନଙ୍କୁ ବିସ୍ତୃତ ଭାବେ ବୁଝାଇବା ପାଇଁ ପଡିବ। ଯେଉଁ ବ୍ୟକ୍ତି, ସମାଜ କିମ୍ବା ସମୂହ ତା'ର ମୂଳ ବିଷୟ ଏବଂ ଅସ୍ମିତା ସମ୍ପର୍କରେ ଅସ୍ପଷ୍ଟ, ସେହି ବ୍ୟକ୍ତି କେବେ ବି ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିପାରିବ ନାହିଁ ବୋଲି ଶନିବାର ଢେଙ୍କାନାଳ ଜିଲ୍ଲା ମଙ୍ଗଳପୁର ଠାରେ ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର "ସୁବର୍ଣ୍ଣ ଜୟନ୍ତୀ ସମାରୋହ"ରେ ଯୋଗଦେବା

ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତ ସ୍ୱାଧୀନତାକୁ ଭଲ ଭାବରେ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇନଥିଲେ। ଏଥିରେ ମୂଳ ବିଷୟ ଥିଲା ଦେଶପ୍ରେମ। ଏହି ଆଧାରରେ ପିଲାମାନଙ୍କୁ ଶିକ୍ଷାର ମୂଳ ଲକ୍ଷ୍ୟ ସହ ଯୋଡିବାକୁ ପଡିବ। ଆମ ଜୀବନ ସ୍ୱୟଂ ପାଇଁ ନୁହେଁ ବରଂ ସମୂହ ପାଇଁ । ଏହାକୁ ଛାତ୍ରଛାତ୍ରୀଙ୍କୁ ବୁଝାଇବା ପାଇଁ ପଡିବ। ସ୍କୁଲ ଶିକ୍ଷା ପାଇଁ ଯୋଜନା କରିବା ସହ ପିଲାମାନଙ୍କ ଜ୍ଞାନର ବିକାଶ, ବ୍ୟକ୍ତିତ୍ୱ, ଚରିତ୍ର ଗଠନର ଦାୟିତ୍ୱ ନେବା ପାଇଁ ପଡିବ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ବୈଷ୍ଣବ ଚରଣ ପଟ୍ଟନାୟକ, ଶହୀଦ ବାଜି ରାଉତ, ମହେଶ ଚନ୍ଦ୍ର ସୁବାହୁ ସିଂ, ସାରଙ୍ଗଧର ଦାସ ଓ ମୂଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଦେଶସେବାରେ ବ୍ରତୀ ହୋଇ ୨୦୩୬ ଓ ୨୦୪୭ ମସିହା ସୁଦ୍ଧା ବୈଶ୍ୱିକ ନାଗରିକଙ୍କ କଲ୍ୟାଣ ପାଇଁ ଏବେ ଠାରୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଶ୍ରୀ ପ୍ରଧାନ ଅପିଲ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଢେଙ୍କାନାଳ ସ୍ୱତନ୍ତ୍ର ଜିଲ୍ଲାର ଅଧିକାରୀ। ସବୁ ସମସ୍ୟାର ସମାଧାନର ଚାବିକାଠି ଶିକ୍ଷାରେ ଅନ୍ତର୍ନିହିତ ଅଛି। ଏଥିପାଇଁ ଏ ଅଂଚଳର ମହାପୁରୁଷମାନେ ଜିଲ୍ଲାର ବିକାଶ ପାଇଁ ଶିକ୍ଷାକୁ ଆୟୁଧ କରିଥିଲେ । କଳା, ସାହିତ୍ୟ ଓ ସଂସ୍କୃତିସମ୍ପନ୍ନ ଜିଲ୍ଲା ଢେଙ୍କାନାଳର ନାଗରିକମାନେ ଆତ୍ମବିଶ୍ୱାସୀ।

୫ ଛାତ୍ରଙ୍କୁ ହଷ୍ଟେଲ ମନା

ବ୍ରହ୍ମପୁର,୨।୧୧(ମହାଭାରତ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ରାଗିଂ ଘଟଣାରେ ନିଆଯାଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ରାଗିଂ କରିଥିବା ୪ର୍ଥ ହଷ୍ଟେଲର ୫ଜଣ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା ହୋଇଛି। ଏଥିସହ ସଂପୃକ୍ତ ଛାତ୍ରମାନଙ୍କୁ ମିଳିବନି ମେଧାବୃତ୍ତି, ଫେଲୋସିପ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ। ଆଣ୍ଟି ରାଗିଂ କମିଟିର ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି କଲେଜ ଡିନ୍ ଡାକ୍ତର ସୁଚିତ୍ରା ଦାସ। କିଛି ଦିନ ତଳେ ଏମ୍‌କେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ଏମ୍‌ବିବିଏସ୍ ପଢୁଥିବା କିଛି ୨ୟ ବର୍ଷ ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବା ସହ ରାଗିଂ କରାଯାଉଥିବା ନେଇ ଏନ୍‌ଏମ୍‌ସିର ଆଣ୍ଟି ରାଗିଂ ସେଲରେ ଅଭିଯୋଗ ହୋଇଥିଲା।

ଟ୍ରଲର ପଛରେ ଧକ୍କାଦେଲା ମାରୁତି ଭ୍ୟାନ : ୭ମୃତ

ସୁନ୍ଦରଗଡ,୨।୧୧(ମହାଭାରତ): ସୁନ୍ଦରଗଡ଼ ଜିଲ୍ଲା ହେମଗିରିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ହେମଗିରି ଥାନା ଗଏକନପାଲି ନିକଟରେ ଏକ ଟ୍ରଲରକୁ ପଛପଟୁ ମାରୁତି ଭ୍ୟାନ୍ ଧକ୍କା ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି। ଛତିଶଗଡ଼ ଚକାବାହାଲକୁ ହେମଗିରି ଥାନା କଣ୍ଡାଧୁଡ଼ା, ସମରପିଣ୍ଡା ଅଞ୍ଚଳରୁ ୧୦ ଜଣ କୀର୍ତ୍ତନ ମଣ୍ଡଳୀ ଏକ ଶ୍ରାଦ୍ଧ ଘରକୁ କୀର୍ତ୍ତନ କରିବା ପାଇଁ ଯାଇଥିଲେ। କୀର୍ତ୍ତନ ସରିଲା ପରେ

ସମସ୍ତ କୀର୍ତ୍ତନ ମଣ୍ଡଳୀଙ୍କୁ ନିଜ ମାରୁତି ଭ୍ୟାନରେ ଘର ମାଲିକ ନିଜେ ଗାଡି ଚଳାଇ ଆସୁଥିଲେ। ଶୁକ୍ରବାର ରାତି ପ୍ରାୟ ୨ ଟା ରୁ ୨:୩୦ ମଧ୍ୟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ଟ୍ରଲରକୁ ପଛ ପଟରୁ ଏକ ମାରୁତି ଭ୍ୟାନ୍ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ରେ ଥିଲା ଯେ ଘଟଣାସ୍ଥଳରେ ଚାଳକ ସହିତ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ହେମଗିରି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

୪ ଛୁଆକୁ ଜନ୍ମ ଦେଲା ବାଘୁଣୀ ରୂପା

ଭୁବନେଶ୍ୱର,୨।୧୧ (ମହାଭାରତ): ନନ୍ଦନକାନନରେ ବାଘୁଣୀ ରୂପା ପୁଣି ଥରେ ମା' ହୋଇଛି। ରୂପା ଆଜି ନନ୍ଦନକାନନରେ ବାଘ ଛୁଆ କୁ ଜନ୍ମ ଦେଇଛି। ଆଜି ସକାଳେ ସେ ଶାବକ ମାନଙ୍କୁ ଜନ୍ମ ଦେଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ସମସ୍ତ ଶାବକ ସୁସ୍ଥ ଅଛନ୍ତି। ମା ରୂପା ସହ ୪ ବାଘ ଶାବକଙ୍କୁ ସିସିଟିଭି ନଜରରେ ରଖା ଯାଇଛି। ଧଳା ବାଘୁଣୀ ରୂପା ତୃତୀୟ ଥର ପାଇଁ ମା ହୋଇଥିବା ସୂଚନା ଦିଆଯାଇଛି।

ପ୍ୟାକ୍‌ସ ଓ ଲ୍ୟାମ୍ପସ୍ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର

ଭୁବନେଶ୍ୱର,୨।୧୧(ମହାଭାରତ): ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍‌ସ) ଏବଂ ବୃହଦାକାର ଆଦିବାସୀ ବହୁମୁଖୀ କୃଷି ସମବାୟ ସମିତି (ଲ୍ୟାମ୍ପସ୍)ର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆଣିବା ପାଇଁ ସମବାୟ ବିଭାଗ ଅର୍ଥ ମଞ୍ଜୁର କରିଛି। ୮୮୫ଟି ପ୍ୟାକ୍‌ସ / ଲ୍ୟାମ୍ପସ୍ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ମୋଟ୍ ୧୦୨ କୋଟି ୩୯ ଲକ୍ଷ ୩୩ ହଜାର ୪ଶହ ଟଙ୍କା ଯୋଗାଇ ଦିଆଯାଇଛି। ଏହି ଅର୍ଥରେ ୬୪୫ ଗୋଟି ସମିତି ୫୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଗୋଦାମଗୃହ ନିର୍ମାଣ ସହ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିବେ ଏବଂ ୨୪୦ ଗୋଟି ସମିତି ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିବେ। ଭିତ୍ତିଭୂମି ବିକାଶ ଯୋଜନାରେ ଅନୁଗୁଳ ଜିଲ୍ଲାରେ ୪୪ଟି ପ୍ୟାକ୍‌ସ / ଲ୍ୟାମ୍ପସ୍ ଉପକୃତ ହେବାକୁ ଥିବା ବେଳେ ବଲାଙ୍ଗୀରରେ ୪୬, ବାଲେଶ୍ୱରରେ ୨୧, ବରଗଡରେ ୪୯, ଭଦ୍ରକରେ ୫, ବୌଦ୍ଧରେ ୧୮, କଟକରେ ୬୬, ଦେବଗଡରେ ୧୭, ଢେଙ୍କାନାଳରେ ୮, ଗଜପତିରେ ୧୨, ଗଞ୍ଜାମରେ ୬୫, ଜଗତସିଂହପୁରରେ ୪୪, ଯାଜପୁରରେ ୩୧, ଝାରସୁଗୁଡ଼ାରେ ୨୩, କଳାହାଣ୍ଡିରେ ୩୦, କନ୍ଧମାଳରେ ୨୯, କେନ୍

ଚୁଟି ନ ପାଟିବାର ଘରୋଇ ଉପାୟ

କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ ସୋରିଷ ତେଲ । ଏହା କେଶକୁ ମଜଭୂତ କରାଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି, ସୋରିଷ ତେଲ ସହ ମେହେନ୍ଦି ମିଶାଇ ଲଗାଇବା ଦ୍ୱାରା କେଶ ଘନ ଏବଂ କଳା ହେବା ସହିତ ପୋଷଣ ମଧ୍ୟ ମିଳିଥାଏ । ଆଜି ଆମେ ଆପଣଙ୍କୁ ସୋରିଷ ତେଲ ଓ ମେହେନ୍ଦିର ବ୍ୟବହାର ବିଷୟରେ କହିବୁ । ଆବଶ୍ୟକ ସାମଗ୍ରୀ : କପ୍ ସୋରିଷ ତେଲ, ବଡ଼ ଚାମଚ ହିନା ପାଉଡର କିମ୍ବା ମେହେନ୍ଦି ପତ୍ର, ଗ୍ୟାସ୍ ଉପରେ ଲୁହା କଡ଼େଇ ବସାନ୍ତୁ ଏବଂ ଏଥିରେ ସୋରିଷ ତେଲ ପକାନ୍ତୁ । ତେଲ ଗରମ ହୋଇଗଲା ପରେ ଗ୍ୟାସରେ ଆଞ୍ଚକୁ କମ୍ କରିଦିଅନ୍ତୁ । ସେଥିରେ ହିନା ପାଉଡର ପକାନ୍ତୁ । ତେଲ ଫୁଟିବା ଯାଏ ଏହାକୁ ଗରମ କରନ୍ତୁ ଏବଂ ଲଗାତାର ଘାଣ୍ଟନ୍ତୁ । ଯେତେବେଳେ ତେଲ ସମ୍ପୂର୍ଣ୍ଣ କଳା ହୋଇଯିବ ଏବଂ ମେହେନ୍ଦି ସେଥିରେ ମିଶିଯିବ, ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ତେଲ କଡ଼େଇକୁ ୧ ମିନିଟ୍ ଯାଏ ଢାଙ୍କିକି ରଖିଦିଅନ୍ତୁ । ତେଲ ଥଣ୍ଡା ହୋଇଗଲା ପରେ ଏହାକୁ ଛାଣି ଏକ ଶିଶିରେ ରଖନ୍ତୁ । ଏବେ ଆପଣଙ୍କ ମିଶ୍ରଣ ପ୍ରସ୍ତୁତ ହୋଇଗଲା । କେଶ ଅଧିକ ପାତୁଥିଲେ ଏହାକୁ ବ୍ୟବହାର କରିପାରିବେ ।

କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେସକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

କେମିତି କରିବେ ଶିରିଡି ସାଇ ବାବାଙ୍କ ପୂଜା

ଶିରିଡି ସାଇ ବାବାଙ୍କୁ ଯିଏ ଶ୍ରଦ୍ଧାର ସହ ପୂଜା କରିଥାଏ, ତାଙ୍କୁ ସ୍ମରଣ କରେ ବାବା ସେମାନଙ୍କ ଉପରେ ସର୍ବଦା ନିଜ କୃପା ଦୃଷ୍ଟି ରଖିଥାନ୍ତି ବୋଲି କୁହାଯାଏ । ଗୁରୁବାର ଦିନ ସାଇ ବାବାଙ୍କୁ ସମର୍ପିତ । ମନୋସ୍କାମନା ପୂର୍ତ୍ତି ପାଇଁ ଲୋକେ ଗୁରୁବାର ଦିନ ସାଇ ବାବାଙ୍କ ବ୍ରତ ପାଳନ କରନ୍ତି । ପ୍ରତ୍ୟେକ ଜାତି ବା ଧର୍ମର ବ୍ୟକ୍ତି ସାଇ ବାବାଙ୍କ ଆରାଧନା କରିପାରିବେ । ସାଇ ବାବା ସମସ୍ତଙ୍କ ମନୋସ୍କାମନା ପୂରଣ କରନ୍ତି । ବାବାଙ୍କ ବିଶେଷ କୃପା ପାଇବା ପାଇଁ କେମିତି ପୂଜା କରିବେ ଜାଣନ୍ତୁ । ପୂଜା କରିବା ପରେ ବାବାଙ୍କ କଥା ନିଶ୍ଚୟ ପଢନ୍ତୁ ଓ ଆଳତି କରନ୍ତୁ । ସାଇ ବାବାଙ୍କର ଗୋଟିଏ ହିଁ ମୂଳମନ୍ତ୍ର- 'ସମସ୍ତଙ୍କର ମାଲିକ ଜଣେ' ବା 'ସବକା ମାଲିକ ଏକ ହୈ' । ବାବାଙ୍କ ବ୍ରତ ବହୁତ ସହଜ ଓ ସରଳ । ଗୁରୁବାର ଦିନ ବ୍ରହ୍ମ ମୁହୂର୍ତ୍ତରେ ବିଛଣା ତ୍ୟାଗ କରି ନିତ୍ୟକର୍ମ ଓ ସ୍ନାନ ଆଦି ସାରି ସର୍ବ ପ୍ରଥମେ ବାବାଙ୍କ ଧ୍ୟାନ କରିବା ଉଚିତ । ଧ୍ୟାନ କରି ବ୍ରତ ସଂକଳ୍ପ ନେବା ଉଚିତ । ଏହାପରେ ମୂର୍ତ୍ତି କିମ୍ବା ଫଟୋ ସ୍ଥାପନ କରି ଗଙ୍ଗାଜଳରେ ଶୁଦ୍ଧ କରି ହଳଦିଆ ବସ୍ତ୍ର ଧାରଣ କରାଇବା ଉଚିତ । ଏହା ପରେ ପୁଷ୍ପ, ରୋଲି ଓ ଚନ୍ଦନ ଅର୍ପଣ କରନ୍ତୁ । ଢିପ ନୈବେଦ୍ୟ ଅର୍ପଣ କରିବେ । ଏହାପରେ ଶୁଦ୍ଧ ଘିଅର ଦୀପ ଜାଳି ବାବାଙ୍କ ଧ୍ୟାନ କରିବା ଉଚିତ । ବାବାଙ୍କ ପାଖରେ ବେସନ ଲଡୁ, ପେଡା କିମ୍ବା ଯେକୌଣସି ହଳଦିଆ ମିଠା ଭୋଗ କରିପାରିବେ । ଏହାପରେ ହାତରେ ଫୁଲ ଧରି ବାବାଙ୍କ କଥା ପଢିବା କିମ୍ବା ଶୁଣିବା ଉଚିତ । ଏହାପରେ ବାବାଙ୍କୁ ନିଜ ମନୋସ୍କାମନା ଜଣାଇ ଶେଷରେ ପ୍ରସାଦ ବିତରଣ କରିବା ଉଚିତ । ପ୍ରସାଦ ଗରିବଙ୍କୁ ବାଣ୍ଟିବା ଉଚିତ । ଏଥିରେ ବାବା ପ୍ରସନ୍ନ ହୋଇଥାନ୍ତି । ଗୁରୁବାର ଦିନ ଅଭାବୀ କିମ୍ବା ଆବଶ୍ୟକୀୟ ଲୋକଙ୍କୁ କିଛି ଦାନ କରିପାରିଲେ ବହୁତ ଭଲ ।

କଣ କୁହେ ପାପୁଲିର ଏମ ଅକ୍ଷର ...



ମଣିଷ କାହିଁ କେଉଁ ଯୁଗରୁ ଭାଗ୍ୟ ଓ ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ କରି ଆସୁଛି । ଆଜି ମଧ୍ୟ ବିଶ୍ୱାସ କରୁଛି । ଏହି ଜ୍ୟୋତିଷ ଶାସ୍ତ୍ରରେ ଆମ ଭାଗ୍ୟ ଓ ଭବିଷ୍ୟତର ସୂଚନା ମିଳିଥାଏ । ତେବେ ହସ୍ତ ରେଖାରୁ ମଧ୍ୟ ଏହାର ସୂଚନା ମିଳେ । ଆଜି ଆସନ୍ତୁ ହସ୍ତ ରେଖାରୁ କିଛି ଜାଣିବା ।

ଆମ ହାତରେ ଚାରୋଟି ମୁଖ୍ୟ ରେଖା ଥାଏ । ଜୀବନ ରେଖା, ମସ୍ତିଷ୍କ ରେଖା, ହୃଦୟ ରେଖା ଏବଂ ଭାଗ୍ୟ ରେଖା । ଏହି ୪ଟି ରେଖା ମଣିଷ ଜୀବନରେ ସର୍ବାଧିକ ପ୍ରଭାବ ପକାଇଥାଏ ।ଯଦି ଏହି ଚାରି ରେଖା ସ୍ପଷ୍ଟ ଥାଏ ତେବେ ସେହି ବ୍ୟକ୍ତି ରାଜା ଭଳି ଜୀବନଯାପନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଅନ୍ୟପକ୍ଷରେ ଏହି ଚାରୋଟି ରେଖା ଏକତ୍ର ହୋଇ ଉପରୋକ୍ତ ଚିତ୍ର ଅନୁଯାୟୀ ଇଂରାଜୀ ଭାଷାର ଏମ ଅକ୍ଷର ଭଳି ଆକାର ହୋଇଥାନ୍ତି, ତାହେଲେ ସେହି ବ୍ୟକ୍ତି ନିଃସନ୍ଦେହରେ କୋଟିପତି ହୋଇଥାନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏପରି ବ୍ୟକ୍ତି ଭଗବାନଙ୍କର ଅତି ପ୍ରିୟ ଅଟନ୍ତି । ଏହି ବ୍ୟକ୍ତିମାନଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ବିବେଚନା କରାଯାଏ । ଏହିପରି ଲୋକମାନେ ଅତି ନିଭିକ, ଈଶ୍ୱରବିଶ୍ୱାସୀ, ବୁଦ୍ଧିମାନ, ସଚ୍ଚୋଟ ଏବଂ ସଫଳ ଅଟନ୍ତି । ଏମାନଙ୍କ ହୃଦୟ ବେଶ ପରିଷ୍କାର ବା ନିଷ୍କପଟ । ଏପରି ହସ୍ତ ରେଖାର ବ୍ୟକ୍ତିମାନେ ଯେଉଁ କାମ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତାକୁ ସର୍ବଦା ସଂପୂର୍ଣ୍ଣ କରିଥାନ୍ତି । ଯଦିଓ ସମଗ୍ର ବିଶ୍ୱ ସେମାନଙ୍କ ବିରୁଦ୍ଧରେ ଥାଏ ତଥାପି ବି ସେମାନେ ପଛଘୁଞ୍ଚା ନ ଦେଇ କାର୍ଯ୍ୟ ପୁରା କରିଥାନ୍ତି । ଏମାନେ ଜଣେ ସଚ୍ଚୋଟ ଜୀବନସାଥୀ ପାଇଥାନ୍ତି ଏବଂ ବ୍ୟବସାୟରେ ତାଙ୍କ ଜୀବନସାଥୀ ତାଙ୍କୁ ପୁରା ସହଯୋଗ କରିଥାନ୍ତି । ଏମାନେ ଯାହା ସହ ବନ୍ଧୁତା ସ୍ଥାପନ କରନ୍ତି ସେମାନଙ୍କ ଭାଗ୍ୟ ଖୋଲିଯାଏ । ଯଦି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ଏମ ଅକ୍ଷର ପାଆନ୍ତି ତେବେ ଏହାର ଅର୍ଥ ହେଉଛି ସେମାନେ ଦୁନିଆର ସବୁଠାରୁ ଭାଗ୍ୟଶାଳୀ ଦମ୍ପତି । ସେମାନଙ୍କର ଯୋଡି ଏକ ଆଦର୍ଶ ଯୋଡି ।

ଲାଲ୍ ଅଙ୍ଗୁର ସ୍ୱାସ୍ଥ୍ୟ ସହ ତ୍ୱଚା ପାଇଁ ହୋଇଥାଏ ଖୁବ୍ ଲାଭକାରୀ

ନାଲି ଅଙ୍ଗୁର ଖାଇବା ଦ୍ୱାରା ଶରୀରକୁ ଅନେକ ଉପକାର ମିଳିଥାଏ । ବିଶେଷ କରି ଏହା ଚେହେରା ପାଇଁ ଅଧିକ ଲାଭଦାୟକ ହୋଇଥାଏ । ସୁସ୍ଥ ଖାଦ୍ୟ ଖାଇବା ଦ୍ୱାରା ତ୍ୱଚାକୁ ଚମକ ଆଣିଥାଏ । ତ୍ୱଚାକୁ ଚମକାଇବା ଏବଂ ଉଜ୍ଜ୍ୱଳ ପାଇଁ ଅଙ୍ଗୁର ଅତ୍ୟନ୍ତ ଲାଭଦାୟକ । ଏପରି ପରିସ୍ଥିତିରେ, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁରକୁ ସାମିଲ୍ ନିହାତି ଆବଶ୍ୟକ । ଯାହା ଖାଇବା ଦ୍ୱାରା ଚେହେରାରେ ଥିବା ଦାଗକୁ ସମ୍ପୂର୍ଣ୍ଣ ରୂପେ ସଫା କରିଥାଏ । ନାଲି ଅଙ୍ଗୁର ବ୍ୟବହାର କରିବାର ଅନେକ ଉପାୟ ଅଛି । ଯଦି ଆପଣ ଚାହାଁନ୍ତି, ତେବେ ଏହାକୁ ନିଜ ଖାଦ୍ୟରେ ନେଇ ଖାଇପାରିବେ କିମ୍ବା ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ ପାରିବେ ।

ନାଲି ଅଙ୍ଗୁରର ଉପକାର:

■ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ବା ଅତ୍ୟଧିକ ଚାପ ଚର୍ମ ରୋଗର କାରଣ ହୋଇପାରେ । ତେଣୁ ଲାଲ୍ ଅଙ୍ଗୁର ଏଥିରେ ବହୁତ ଉପକାରୀ । ଅମ୍ଳଜାନ ଚାପକୁ କମାଇବାରେ ଲାଲ୍ ଅଙ୍ଗୁର ବହୁତ ସହାୟକ ହୋଇଥାଏ ।

■ ନାଲି ଅଙ୍ଗୁରରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଭିଟାମିନ୍-ସି ଚର୍ମକୁ ସୁନ୍ଦର କରିଥାଏ ।

■ ଚର୍ମରେ ଥିବା ଦାଗ ଏବଂ ବ୍ରଣକୁ ଭଲ କରିବାରେ ଲାଲ୍ ଅଙ୍ଗୁର ମଧ୍ୟ ସହାୟକ ହୋଇଥାଏ ।

■ ନାଲି ଅଙ୍ଗୁରରେ ରେସଭାଟ୍ରୋଲ୍ ଥାଏ, ଯାହା ବାର୍ଦ୍ଧକ୍ୟର ଲକ୍ଷଣ ତଥା ବୟସ ବଢୁଥିବା ଲକ୍ଷଣକୁ ହ୍ରାସ କରିଥାଏ । ରେସଭାଟ୍ରୋଲ୍ ଏକ ଆଣ୍ଟିଅକ୍ସିଡାଣ୍ଟ, ଯାହା ସୁସ୍ଥ ଚର୍ମକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

■ ଲାଲ୍ ଅଙ୍ଗୁରରେ ଆଣ୍ଟି-ବ୍ୟାକ୍ଟେରିଅଲ୍, ଆଣ୍ଟିଭାଇରାଲର ଗୁଣ ମଧ୍ୟ ରହିଥାଏ । ଏହି ଗୁଡିକ ଚର୍ମ ସଂକ୍ରମଣରୁ ରକ୍ଷା କରିଥାଏ ।

କିପରି ବ୍ୟବହାର କରିବେ:

■ ଯଦି ଆପଣ ଚାହାଁନ୍ତି, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁର ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ । ଯେମିତିକି ଫଳ ଆକାରରେ ଖାଇ ପାରିବେ । ନଚେତ ସାଲାଡ୍ ଆକାରରେ । ଏଥିରେ ଥିବା ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଆଣ୍ଟିଅକ୍ସିଡାଣ୍ଟ ତ୍ୱଚା ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ ।

■ ଲାଲ୍ ଅଙ୍ଗୁରକୁ ଆପଣ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ । ଏଥିପାଇଁ ଆପଣ ଟମାଟୋ ଏବଂ ଅଙ୍ଗୁରକୁ ମିଶାଇ ଉଭୟକୁ ଭଲ ଭାବରେ ମାଲିସ୍ କରନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହି କାରଣରୁ ଚେହେରାର ଥିବା ବ୍ରଣ ଏବଂ ଦାଗ ଭଲ ହୋଇଯାଏ ।

ହୃଦରୋଗୀ ପ୍ରତିଦିନ ଖାଆନ୍ତୁ ଶିମ୍ବ

ଶୀତଦିନେ ମିଳୁଥିବା ପରିବା ହେଉଛି ଶିମ୍ବ । ଏହା ଖାଇବାକୁ ସ୍ୱାଦିଷ୍ଟ ଏବଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏଥିରେ ପ୍ରୋଟିନ,ଭିଟାମିନ୍ ଓ ମନେରାଲ୍ସ ରହିଛି,ଯାହା ଓଜନ ହ୍ରାସ କରିବା ସହିତ ପାର୍କିନସନ ପରି ରୋଗକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଶିମ୍ବ କୋଲେଷ୍ଟ୍ରଲର ସ୍ତର ନିୟନ୍ତ୍ରଣ କରିଥାଏ । ତେବେ ଆସନ୍ତୁ ଜାଣିବା ଶିମ୍ବ ଖାଇଲେ ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ।

- ଶିମ୍ବରେ ଥିବା ଭିଟାମିନ୍ ବି ,ଫୋଲେଟ,କ୍ୟାଲସିୟମ୍ ,ଆଇରନ ଓ ସେଲେନିୟମ୍ ହିମୋଗ୍ଲୋବିନ୍ ବୃଦ୍ଧି କରିଥାଏ ଏବଂ ଫାଇବର ପାଚନ ତନ୍ତ୍ରକୁ ଠିକ୍ ରଖିଥାଏ ।
- ଶିମ୍ବ ନିୟମିତ ଭାବରେ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ଏପରି ଏକ ପରିବା ଯାହା ଶରୀରରେ ଆଣ୍ଟି-ଅକ୍ସିଡାଣ୍ଟକୁ ସକ୍ରିୟ କରିଥାଏ, ଯାହା ଯୋଗୁଁ ସେଲ୍‌ରେ ଫ୍ରି ରାଡିକାଲ୍ସ ହୋଇନଥାଏ ।
- ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାଡକୁ ମଜବୁତ କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ ମ୍ୟାଗ୍ନେସିୟମର ଅଭାବରୁ ହାଡ ଉପରେ ଖରାପ ପ୍ରଭାବ ପଡିଥାଏ । ହାଡକୁ ମଜବୁତ୍ ରଖିବା ପାଇଁ ପ୍ରତିଦିନ ଶିମ୍ବଖାନ୍ତୁ ।
- ଓଜନ ବୃଦ୍ଧି ଯୋଗୁଁ ଅନେକ ଲୋକ ଚିନ୍ତାରେ ରହନ୍ତି । ଓଜନ କମ୍ କରିବା ପାଇଁ ପ୍ରତିଦିନ ଶିମ୍ବ ଖାଆନ୍ତୁ । ଗୋଟିଏ କପ୍ ଶିମ୍ବରେ ୧୮୭ କିଲୋ କ୍ୟାଲୋରୀ, ୧୩ ଗ୍ରାମ ପ୍ରୋଟିନ୍ ଓ ୯ ଗ୍ରାମ ଫାଇବର ରହିଛି । ଏଥିପାଇଁ ଶିମ୍ବ ଖାଇଲେ ପେଟ ପୂରିଲା ଭଳି ଲାଗିଥାଏ ଏବଂ ଭୋକ କମ୍ ହୋଇଥାଏ ।
- ଶିମ୍ବ ହାର୍ଟ ପାଇଁ ବହୁତ ଭଲ । ଏହା ହାର୍ଟକୁ ସୁସ୍ଥ ରଖିବା ସହିତ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ୍ ରକ୍ତ ବାହିକାକୁ ଆରାମ ଦେଇଥାନ୍ତି । ଏହାଦ୍ୱାରା ଉଚ୍ଚ ରକ୍ତଚାପ କମ୍ ହୋଇଥାଏ । ଏଥିପାଇଁ ହୃଦରୋଗୀ ଏହାକୁ ପ୍ରତିଦିନ ଖାନ୍ତୁ ।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସପ୍ତାହ

ଭୁବନେଶ୍ୱର,୨।୧୧ (ମହାଭାରତ): ଶିକ୍ଷକ ମାନେ ଦେଶ ଓ ଜାତିର ନିର୍ମାତା ହୋଇଥିବାରୁ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନରେ ସେମାନଙ୍କର ଭୂମିକା ସର୍ବଦା ଅଗ୍ରଗଣ୍ୟ ବୋଲି ମତ ପ୍ରକାଶ କରିଛନ୍ତି ବରିଷ୍ଠ ପୋଲିସ ପ୍ରଶାସକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ। ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ସପ୍ତାହର ଉଦ୍ୟାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରିୟଦର୍ଶୀ ସାଲିଆସାହିରୁ ସିଙ୍ଗାପୁର ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଦେଇ ସାମାଜିକ ସନ୍ତୁଳନ କିଭଳି ପରିଚୟକୁ ପରିବ୍ୟାପ୍ତ କରେ ତାହା ଦର୍ଶାଇଥିଲେ।ସେ କହିଲେ ଯେ, ଉଚ୍ଚାରଣ ଓ ଆଚରଣରେ ସମତା ନ ରହିଲେ ଆମ ମାନସିକତାରେ ପରିବର୍ତ୍ତନ ନଆସିଲେ ଦୁର୍ନୀତିର ଦୂରୀକରଣ ସମ୍ଭବ ନୁହେଁ। ବ୍ୟକ୍ତିଗତ ସ୍ୱାର୍ଥ ସାଧନ ସର୍ବଦା ଦୁର୍ନୀତିର ମୂଳ କାରଣ ହୋଇଥିବାରୁ ଛାତ୍ରଛାତ୍ରୀ ଗଣ ବ୍ୟକ୍ତିର ଊର୍ଦ୍ଧ୍ୱରେ ଦେଶ, ଜାତି, ଗୋଷ୍ଠୀ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରି ବିକାଶ ଶୀଳ ପରିଚୟକୁ ବିକଶିତରେ ପରିବର୍ତ୍ତନ କରିବାକୁ ହେଲେ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଦୁର୍ନୀତିକୁ ଦୂରେଇବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ପ୍ରତିଷ୍ଠାନର ଡିନ୍ରେଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ପରିଶେଷରେ ଡକ୍ଟର କଳିଙ୍ଗ କେତକୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଛାତ୍ରବୃନ୍ଦ ସରସ୍ୱତୀବନ୍ଦନା ପରିବେଷଣ କରିଥିଲେ। ପ୍ରକାଶଥାଉକି ପ୍ରତିଷ୍ଠାନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତି ମୁକ୍ତ ପାଇଁ ଶପଥ ପାଠ, ଗଣଦୌଡ଼ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମକୁ ଅନୁଭାଗ ଅଧିକାରୀ ଅଶୋକ କୁମାର ବଳିଆରସିଂ ସହାୟତା କରିଥିଲେ।

ରାସନ ନ ପାଇବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା : ବିଜେପି

ଭୁବନେଶ୍ୱର,୨।୧୧ (ମହାଭାରତ): କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ବ୍ଲକ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଏନେଇ ରାଜ୍ୟ ସରକାର ଚିନ୍ତିତ ଓ ସଚେତନ ଅଛନ୍ତି । ତୁରନ୍ତ ଘଟଣାସ୍ଥଳକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ପଠାଇ ଏହାର ତଦନ୍ତ କରିଛନ୍ତି । ଏହି ଘଟଣାର ତ୍ୱରିତ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପ୍ରାଥମିକ ତଦନ୍ତ ଅନୁସାରେ ମୃତକ ୨ ଜଣଙ୍କ ସମେତ ଚିକିତ୍ସିତ ହେଉଥିବା ୬ ଜଣଙ୍କୁ ଗତ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି । ଅକ୍ଟୋବର-ଡିସେମ୍ବର ମାସର ରାସନ ବଂଟନ ପ୍ରକ୍ରିୟା ଜାରି ରହିଛି । ତେଣୁ ରାସନ ସାମଗ୍ରୀ ନ ପାଇବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା । ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ନେତାମାନେ ଏଭଳି ଭିତିହୀନ ଅଭିଯୋଗ କରୁଛନ୍ତି । ୨୪ ବର୍ଷ ଶାସନରେ "ନଗଡା ଇତିହାସ" ସୃଷ୍ଟି କରିଥିବା ବିଜେଡି ଆଜି ଅପପୃଷ୍ଟି ପ୍ରସଙ୍ଗରେ ବିବୃତି ଦେଇ ନିଜ ବିଫଳତାକୁ ପରିପ୍ରକାଶ କରିଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ ବିବୃତି ଜରିଆରେ ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜେଡି ଶାସନବେଳେ ଓଡ଼ିଶାରେ ୩୧ ପ୍ରତିଶତ ଶିଶୁ ପୃଷ୍ଟିହୀନତା ଏବଂ ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହୋଇଛନ୍ତି । ସେହିପରି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହୋଇଥିଲେ । ଶିଶୋନ୍ନତ ଅନୁଗୋଳରେ ୭୫.୮, ଝାରସୁଗୁଡାରେ ୬୮.୧ ଓ ସମ୍ବଲପୁରରେ ୬୭.୧, ଗଜପତି ୭୭.୪, ରାୟଗଡା ୭୭.୩, କେନ୍ଦୁଝର ୭୪.୭, ମାଲକାନଗିରି ୭୪.୩, କଳାହାଣ୍ଡି ୭୦.୨, ସୁନ୍ଦରଗଡରେ ୬୮.୪ଭାଗ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହୋଇ ଏବେବି କଷ୍ଟ ପାଉଛନ୍ତି । ଉତରାଧିକାରୀଭାବେ ବିଜେଡି ସରକାରର ଏଭଳି ଅଲୋଡା ସଫଳତା ଆମକୁ ମିଳିଛି ।

ବିଜେପି ସରକାରର ଲୋକକଲ୍ୟାଣ କାର୍ଯ୍ୟରେ ବିରୋଧୀ ବିଜେଡି ନେତାମାନେ ଈର୍ଷ୍ୟାନ୍ୱିତ ହୋଇପଡ଼ିଛନ୍ତି । ନିଜ ଦଳର ଅର୍ନ୍ତକନ୍ଦଳକୁ ଲୋକଲୋଚନରୁ ଦୁରେଇ ରଖିବା ଉଦ୍ଦେଶ୍ୟରେ ଅଯଥା ବିବୃତିମାନ ଦେଉଛନ୍ତି । ବିଜେଡି ନେତୃବୃନ୍ଦ ଧର୍ଯ୍ୟ ରଖିବା ସହ ଅଶାନ୍ତି ଓ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ କରନ୍ତୁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ ।

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨।୧୧ (ମହାଭାରତ): ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସ-୫ ଠାରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁମାନଙ୍କୁ ଶୋଷଣ, ନିର୍ଯାତନା ଓ ଯୌନ ଉତ୍ପୀଡନରୁ ସୁରକ୍ଷା ଦେବା ପାଇଁ ସରକାର ସମ୍ବେଦନଶୀଳ ଅଛନ୍ତି । ଆୟୋଗକୁ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ ସହ ହେଲପଲାଇନ ନମ୍ବରକୁ ଗାଁ ଗାଁରେ ବ୍ୟାପକ କରାଯିବ ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି। ଯୌନ ଉତ୍ପୀଡନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରିବ ବୋଲି ଶ୍ରୀମତୀ ପରିଡା ଛୋଟ ଛୋଟ ଶିଶୁମାନଙ୍କୁ ପରାମର୍ଶ ଦେଇଛନ୍ତି। ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚଳାଣ ଭଳି ଆହ୍ୱାନକୁ ସାମ୍ନା କରିବା ପାଇଁ ସରକାରଙ୍କ ସହ ସମାଜସେବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ସେ ମତପ୍ରକାଶ କରିଛନ୍ତି।

ପରସ୍ପର ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଦ୍ୱାରା ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଦୃଢ ଆଶା କରିଛନ୍ତି। ସେ କହିଛନ୍ତି ଯେ ମହିଳା ଓ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସମସ୍ତ ପ୍ରଚେଷ୍ଟା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ପୋଲିସ ଆଇଜି ଶ୍ରୀମତୀ ସାଇନି. ଏସ ଶିଶୁ ସୁରକ୍ଷା ପ୍ରତି ପୋଲିସର ଅଭିମୁଖ୍ୟ ବାବଦରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର ନିଜ ଅଭିଭାଷଣରେ ଶିଶୁମାନଙ୍କ ସୁରକ୍ଷା ପ୍ରତି ଆୟୋଗର ଅଭିମୁଖ୍ୟକୁ ଉପସ୍ଥାପନା କରିଥିଲେ। ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଏହି ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀମତୀ କର। ଏହି ନମ୍ବର ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଛି । ଏହି କାର୍ଯ୍ୟକ୍ରମରେ ୟୁନିସେଫ ରାଜ୍ୟ ମୁଖ୍ୟ ମିଷ୍ଟର ଓ୍ୱିଲିୟମ ହାନଲୋନ ଜୁନିଅର ମଧ୍ୟ ଉପସ୍ଥିତ ଥିଲେ। ବହୁ ବାଲ୍ୟବିବାହକୁ ସଫଳ ଭାବେ ରୋକିଥିବା ଦୁଇ କିଶୋରୀ ଯୋଦ୍ଧା ସମ୍ବଲପୁର ଜିଲ୍ଲାର ଅନାମିକା ଓରାମ ଓ ଗଞ୍ଜାମ ଜିଲ୍ଲାର ଆଶା ସାହୁ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଏହି ଦୁଇ କିଶୋରୀ ଯୋଦ୍ଧାଙ୍କ ସହ ବଲାଙ୍ଗିର ଜିଲ୍ଲାର ବୈଷ୍ଣବୀ ଧାରୁଆ। ଜଗତସିଂହପୁରର ନନ୍ଦିନୀ ପ୍ରମୁଖକୁ ସମ୍ବର୍ଦ୍ଧିତ କରାଗଲା। ଏହା ସହ ସାମଗ୍ରିକ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ଜିଲ୍ଲା ଭାବେ ମୟୂରଭଞ୍ଜକୁ ଓ ଶ୍ରେଷ୍ଠ ଲିଗାଲ ସର୍ଭିସ ପାଇଁ ଯାଜପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ନିଖୋଜ ପିଲାମାନଙ୍କର ଉଦ୍ଧାର ଓ ଥଇଥାନ ପାଇଁ ଶ୍ରୀ ସନ୍ତୋଷ ପାତ୍ର, ଡିସିପି ଓ ଶ୍ରୀମତୀ ବନିତା ମହାରଣା, ଇନ୍ସପେକଟରଙ୍କ ସହ ଶିଶୁ ସୁରକ୍ଷା ପାଇଁ କର୍ମରତ ବହୁ ସରକାରୀ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ

ଭୁବନେଶ୍ୱର,୨।୧୧ (ମହାଭାରତ): ଲୋକସେବା ଭବନରେ ଅକ୍ଟୋବର ୩୧ ତାରିଖ ଗୁରୁବାର ଦିନ 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ସମସ୍ତେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସମର୍ପିତ ରହିବା ସହ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର ପାଇଁ ପ୍ରଯତ୍ନ କରିବା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଯୋଗଦାନ କରିବାକୁ ଶପଥ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଆମର ଏକତା, ଅଖଣ୍ଡତା ରକ୍ଷା ସହିତ ଦେଶର ନିରାପତ୍ତା ପ୍ରତି ବିପଦକୁ ମୁକାବିଲା କରିବା ପାଇଁ ଆମ୍ଭମାନଙ୍କର ଅନ୍ତର୍ନିହିତ ଶକ୍ତି ଏବଂ ସହନଶୀଳତାକୁ ସୁନିଶ୍ଚିତ କରିବା ନିମନ୍ତେ ପୁନଃ ପ୍ରତିବଦ୍ଧ ହେବା ପାଇଁ ସ୍ୱତନ୍ତ୍ର ଅବସର ଦେଇଥାଏ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଭିନ୍ନ ଶାଖାର ଅତିରିକ୍ତ ଶାସନ ସଚିବ, ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।

ରାଜ୍ୟସ୍ତରୀୟ କାଜୁ ପ୍ରଦର୍ଶନୀ

ଭୁବନେଶ୍ୱର,୨।୧୧ (ମହାଭାରତ): କୃଷି ଭବନସ୍ଥିତ ଅଡିଟୋରିଅମ ହଲରେ ଓଡିଶା ରାଜ୍ୟ କାଜୁ ନିଗମ ତରଫରୁ ଏକ କାଜୁ ସମ୍ମିଳନୀ ତଥା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କାଜୁ ନିଗମ ପରିଚାଳନା ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ଓ ମୃତ୍ତିକା ସରଂକ୍ଷଣ ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ କହିଥିଲେ ଯେ, ଓଡ଼ିଶାରୁ ଉତ୍ପାଦିତ ହେଉଥିବା ଏକ ନିଜସ୍ୱ କାଜୁ ବ୍ରାଣ୍ଡ ହେବା ଆବଶ୍ୟକ।

ସମ୍ପ୍ରତି ରାଜ୍ୟର ୨୭୦୦୦ ହେକ୍ଟର ଜମିରେ କାଜୁ ଫସଲ କରାଯାଉଛି। କାଜୁ ନିଗମ ଅଧୀନରେ ୫୮୭ଟି ପ୍ଲାଣ୍ଟେସନ ସାଇଟ ରହିଛି ତଥା ୨୦ଟି ନର୍ସରୀ ମଧ୍ୟ ରହିଛି, ଯେଉଁଥିରୁ ପ୍ରାୟ ୩୫ ରୁ ୪୦ ଲକ୍ଷ ଉଚ୍ଚକୋଟୀର କାଜୁ ଚାରା ଉତ୍ପାଦନ ହେଉଛି। କାଜୁ ଫସଲର ଚାଷଜମି ଅନୁଯାୟୀ ଭାରତରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ଅଟେ। କାଜୁ ଖାଇବା ଶରୀର ପକ୍ଷେ ହିତକର। ଏହା ହୃଦୟ, ଚର୍ମ କୁ ସୁସ୍ଥ ରଖିବା ସହ ଆଖିର ଜ୍ୟୋତି ବଢାଏ, ରକ୍ତରେ ଶର୍କରା ଓ ଓଜନକୁ ନିୟନ୍ତ୍ରଣ ମଧ୍ୟ କରିଥାଏ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାଜୁ ମଞ୍ଜି ଉତ୍ପାଦନକାରୀ, ନିଲାମଧାରୀ ପ୍ରଭୃତି ସାମିଲ ହୋଇ କାଜୁର ବିଭିନ୍ନ କିସମ ତଥା ଜଳବାୟୁ ପରିବର୍ତ୍ତନର କାଜୁ ଉତ୍ପାଦନ ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। କାଜୁ ଫସଲକୁ ଅଧିକ ଲାଭଜନକ କରିବା ସହ ଏହାର ଫଳରୁ ମଧ୍ୟ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ୨୦୨୫ ବର୍ଷ ପାଇଁ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରଯାଇଥିଲା।

ଏହି ସମ୍ମିଳନୀରେ ଓୟୁଏଟି ପ୍ରଫେସର ଶ୍ରୀମତି କବିତା ସେଠୀ, ଡକ୍ଟର ପ୍ରଭୁ ଚରଣ ଲେଙ୍କା, କାଜୁ ନିଗମର ଶ୍ରୀମତି ସଂଘମିତ୍ରା ବେହେରା, ଲକ୍ଷ୍ମୀଧର ଜେନା ଓ ନୀତିନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

୩୩୦ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨।୧୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ଦେଶବ୍ୟାପୀ ୪୦ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ସିଏସଆଇଆର – ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଯୋଗ ଦେଇ ପ୍ରାୟ ୩୩୦ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଣ୍ଟିଥିଲେ।

ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଆୟକର ବିଭାଗ, ଆଇଆଇଟି ଭୁବନେଶ୍ୱର, ସିଆରପିଏଫରେ ଜଣେ ଲେଖାଏଁ, ସିଆଇଏସଏଫରୁ ତିନି ଜଣ, ପୂର୍ବତଟ ରେଳବାଇରେ ୧୩ ଜଣ, ଭାରତୀୟ ଷ୍ଟେଟବ୍ୟାଙ୍କରେ ୨୪ ଜଣ, ଏମ୍ସ ଭୁବନେଶ୍ୱରରୁ ୭୦ ଜଣ, ଡାକ ବିଭାଗରେ ୨୧୭ ଜଣଙ୍କୁ ନିଯୁକ୍ତି ମିଳିଛି। ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ପଦପଦବୀ ପୂରଣ ଏବଂ ଯୁବବର୍ଗଙ୍କୁ ରୋଜଗାର ଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ କ୍ରମାଗତ ଭାବେ ରୋଜଗାର ମେଳା ଆୟୋଜନ କରାଯାଇ ଆସୁଛି। ସିଏସଆଇଆର-ଆଇଏମଏମଟି ପରିସରରେ ଆୟୋଜିତ ଆଜିର ରୋଜଗାର ମେଳାକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ୍ କହିଛନ୍ତି, ବର୍ତ୍ତମାନର ସରକାର ସାର୍ବଜନୀନ ରୋଜଗାର ମେଳା ଆୟୋଜନ କରି ଯୁବବର୍ଗଙ୍କୁ ବ୍ୟାପକ ସଂଖ୍ୟାରେ ସରକାରୀ ଚାକିରି ଦେଉଛନ୍ତି। ଦେଶର ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଅଭିନବ ପଦକ୍ଷେପକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଦେଶର ଲକ୍ଷ ଲକ୍ଷ ଯୁବପିଢ଼ିଙ୍କୁ ଚାକିରି ସୁଯୋଗ ଦେବା ସହ ସେମାନଙ୍କୁ ରୋଜଗାରକ୍ଷମ ହେବା ଲାଗି ଅନୁପ୍ରାଣିତ କରିବ। ସରକାର କେବଳ ଚାକିରି ସୃଷ୍ଟି କରୁନାହାନ୍ତି, ବରଂ ଯୁବବର୍ଗଙ୍କୁ ନିଯୁକ୍ତିଦାତା ହେବା ପାଇଁ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି ବୋଲି ଶ୍ରୀ ଓରାମ୍ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସରକାରୀ ଚାକିରି ପାଇଥିବା ପ୍ରାର୍ଥୀମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

ଅଟ୍ରିରେ ନୂତନ ପାସେଞ୍ଜର ହଲ୍ଟ ଉଦଘାଟିତ

ଭୁବନେଶ୍ୱର,୨।୧୧ (ମହାଭାରତ): ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନର ଅଟ୍ରି ଠାରେ ଆନୁଷ୍ଠାନିକ ଭାବେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀ ମାନଙ୍କୁ ସମର୍ପିତ କରାଯାଇଅଛି ଯାହା ଏହି ଅଂଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟାଇଛି। ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବେଗୁନିଆର ମାନ୍ୟବର ବିଧାୟକ ପ୍ରଦିପ କୁମାର ସାହୁ ଓ ଖୋର୍ଦ୍ଧାର ମାନ୍ୟ

ତୈଳ ଦର ବଢ଼ିବ !

ବିଗତ ୫ ଦିନରେ ବିଏସଇ ସେନସେକ୍ସ ୪୧ହଜାର ପଏଣ୍ଟ ବା ୪.୫ ପ୍ରତିଶତ ହ୍ରାସ ପାଇଛି । ନିବେଶକମାନେ ଏଥିରେ ୧୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ଏଥିରୁ ଅନୁମାନ କରାଯାଇପାରେ ଯଦି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ଘନୀଭୂତ ହେବ ତେବେ ପରିସ୍ଥିତି କ'ଣ ହେବ । ପୂର୍ବରୁ ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭ ହେବା ପରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ତହାର ପ୍ରଭାବ ଏବେ ସୁଦ୍ଧା ଯାଇନି । ଷ୍ଟକ ମାର୍କେଟ ସ୍ଥିତି ହୁଏତ କିଛି ଦିନ ମଧ୍ୟରେ ସୁଧୁରି ଯାଇପାରେ । କିନ୍ତୁ ତୈଳ ଦର ଯେପରି ବଢ଼ି ଚାଲିଛି ତାହା ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ର ପାଇଁ ଚିନ୍ତାର କାରଣ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଏହା ସ୍ୱୀକାର କରିଛନ୍ତି । ଏହାର ପ୍ରଭାବରେ ଅନ୍ୟ ସବୁ ସାମଗ୍ରୀର ଦର ବଢ଼ିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ହେଉଛି ବିଶ୍ୱର ତୃତୀୟ ବୃହ□ମ ତୈଳ ବ୍ୟବହାରକାରୀ ରାଷ୍ଟ୍ର । ଭାରତରେ ଯେତେ ପରିମାଣର ପେଟ୍ରୋଲ ଓ ଡିଜେଲ ବ୍ୟବହାର କରାଯାଏ ତାହାର ୮୫ ପ୍ରତିଶତ ବିଦେଶରୁ ଆମଦାନୀ କରାଯାଏ । ତେଣୁ ବିଶ୍ୱ ବଜାରେ ତୈଳ ଦର ବଢ଼ିବା ହେତୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ନିଶ୍ଚିତ ଭାବେ ବଢ଼ିବ । ପେଟ୍ରୋଲ ଓ ଡିଜେଲ ଉପରେ ଯଦି ସରକାର ଟିକସ ହ୍ରାସ କରନ୍ତି ତେବେ ସରକାରଙ୍କର ରାଜସ୍ୱ ହ୍ରାସ ପାଇବ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ପ୍ରତିରକ୍ଷା ଲାଗି ଅର୍ଥର ଅଭାବ ପରିଲକ୍ଷିତ ହେବ । ସରକାର କେବଳ ସାମୟିକ ଭାବେ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିପାରନ୍ତି । କିନ୍ତୁ ଏହାକୁ ଅଧିକ ଦିନ ନିୟନ୍ତ୍ରଣରେ ରଖାଯାଇପାରିବ ନାହିଁ । କୋଭିଡ ମୁକାବିଲା ଲାଗି ସରକାର ଯେଉଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି ତାହା କିପରି ଭରଣା କରାଯାଇପାରିବ ? ତେଣୁ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ଆମକୁ ହଜମ କରିବାକୁ ପଡ଼ିବ । ଏହାର ପ୍ରତିକାର ନିମନ୍ତେ ଆମକୁ ବ୍ୟକ୍ତିଗତ ଭାବେ ତୈଳ ବ୍ୟବହାର ହ୍ରାସ କରିବାକୁ ପଡ଼ିବ, ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ପରିବ□ ବ୍ୟାଟେରୀ ବା ବିଦ୍ୟୁତ ଚାଳିତ ଗାଡ଼ି (ଇଭି)ଅଧିକରୁ ଅଧିକ ବ୍ୟବହାର କରିବାକୁ ପଡ଼ିବ । ଆଉ ଗ୍ରୀନ ହାଇଡ୍ରୋଜେନ ଭଳି କ୍ଲୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି ଲାଗି ଯୁଦ୍ଧକାଳୀନ ଭି□ରେ ପ୍ରୟାସ କରିବାକୁ ପଡ଼ିବ । ତେବେ ବ□ମାନ ପାଇଁ ଆମକୁ ଯୁଦ୍ଧର ବୋଝ ବୋହିବାକୁ ପଡ଼ିବ । ତୈଳ ଦର ବୃଦ୍ଧି ଯୋଗୁ ଭାରତରେ ମୁଦ୍ରା ସ୍ଫୀତି ବଢ଼ିବ । ତେବେ ଯୁଦ୍ଧ ପାଇଁ ତୈଳ ଯୋଗାଣ ପ୍ରଭାବିତ ହେବ ନାହିଁ ବୋଲି କୁହାଯାଉଛି । ତଥାପି କିଛି କୁହାଯାଇପାରିବ ନାହିଁ । କେତେବେଳେ କ'ଣ ହେବ ତାହା ଆକଳନ କରିବା କଷ୍ଟ । ଯଦି ତୈଳ ଯୋଗାଣ ବ୍ୟାହତ ହୁଏ ତେବେ ଏହାର ମୁକାବିଲା ନିମନ୍ତେ ଆମକୁ ତୈଳ ବ୍ୟବହାରରେ ସଂଯମତା ରକ୍ଷା କରିବାକୁ ପଡ଼ିବ । ଭାରତ ସରକାର ଏବେ ଅଧିକ ତୈଳ ଆମଦାନୀ କରି ଏହାକୁ ସଞ୍ଚିତ କରି ରଖିବା ନିମନ୍ତେ ପ୍ରୟାସ କରୁଛନ୍ତି । ଏହା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ଆମେ ସ୍ଥିତି ସମ୍ଭାଳିପାରିବା । କିନ୍ତୁ ଭାରତରେ ତେଲର ଯେତିକି ଷ୍ଟୋରେଜ କାପାସିଟି ରହିଛି ସେଥିରେ ଏହା ଅତି ବେଶୀରେ ୧୫ ଦିନ ସମ୍ଭାଳିଦେବ । କିନ୍ତୁ କେତେ ଦିନ ପାଇଁ ଆମକୁ ତେଲ ସଞ୍ଚୟ କରି ରଖିବା ସମ୍ଭବ ହେବ ? ତେବେ ତେଲ ଆମଦାନୀ କରିବାକୁ ହେଲେ ଆମକୁ ବିପୁଳ ବିଦେଶୀ ମୁଦ୍ରା ବା ଡଲାରର ଆବଶ୍ୟକତା ରହିଛି । ଏଥିପାଇଁ ଭାରତକୁ ରପ୍ତାନୀ ବଢ଼ାଇବାକୁ ପଡ଼ିବ । ଚଳିତ ମାସରେ ଭାରତରୁ ରପ୍ତାନୀ ୩୦ ପ୍ରତିଶତ ବଢ଼ିଥିବା ବାଣିଜ୍ୟ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ।

ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ-୨୦୨୨

॥ ଗୋପାଳ ମହାପାତ୍ର ॥

ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ ।

ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁଛି ନା ନାହିଁ ? ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇବା କଷ୍ଟକର, କାରଣ ଏହି ପ୍ରସଙ୍ଗରେ ଭାରତର ଡାଟାବେସ୍ (ତଥ୍ୟ) ସହଜରେ ଉପଲବ୍ଧ ହେଉନାହିଁ । କିନ୍ତୁ ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ (ଆଇଜେଆର)-୨୦୨୨ ୧୦୨ ସୂଚକାଙ୍କକୁ ଜୋଡ଼ି ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନ କରିବାର କ୍ଷମତାକୁ ର୍ୟାକିଙ୍ଗ କରିଛନ୍ତି । ଏହି ଆଇଜେଆର ରିପୋର୍ଟ ଅନୁସାରେ ନ୍ୟାୟ ପାଇଁ ମୁଖ୍ୟତଃ ୪ଟି କଥାକୁ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଉଛି ପୋଲିସ୍, ନ୍ୟାୟପାଳିକା, ଜେଲ ଓ ଆଇନ ସହାୟତା (ଲିଗାଲଏଡ୍) । ଏସବୁର ଆଧାରରେ ରାଜ୍ୟମାନଙ୍କୁ ର୍ୟାକିଙ୍ଗ୍ କରାଯାଇଛି । ଏହି ରିପୋର୍ଟରେ କର୍ଣ୍ଣାଟକକୁ ପ୍ରଥମ ସ୍ଥାନରେ ସ୍ଥାନୀତ କରାଯାଇଛି । ମଜାଦାର କଥା ହେଉଛି ପ୍ରଥମ ୬ଟି ସ୍ଥାନ ମଧ୍ୟରୁ ୫ଟି ସ୍ଥାନରେ ରହିଛନ୍ତି ଦକ୍ଷିଣ ଭାରତର ରାଜ୍ୟମାନେ । କିନ୍ତୁ ଏହି ସ୍ଥାନ ସ୍ଥାୟୀ ନୁହେଁ । ଆଇଜେଆର-୨୦୨୨ର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି ନିରନ୍ତର ଅବସ୍ଥା ସୁଧୁରିଲେ ର୍ୟାଙ୍କିଙ୍ଗରେ ମଧ୍ୟ ପରିବର୍ତ୍ତନ ହୋଇପାରେ ବା ଅନ୍ୟଅର୍ଥରେ ର୍ୟାଙ୍କିଙ୍ଗ୍‌ର ତଳ ସ୍ତରରେ ଥିବା ରାଜ୍ୟରେ ଅବସ୍ଥା ସୁଧୁରିଲେ ସେଇ ରାଜ୍ୟ ମଧ୍ୟ ପ୍ରଥମ ସ୍ଥାନକୁ ଆସିପାରେ । ଏହି କାରଣରୁ ୧୩ଟି ପାହାଚ ବା ସ୍ଥାନ ଡେଇଁ କର୍ଣ୍ଣାଟକ ପ୍ରଥମ ସ୍ଥାନ ହାସଲ କରି ପାରିଛି ବୋଲି ଆଇଜେଆର ରିପୋର୍ଟରେ କୁହାଯାଇଛି । ଆଇଜେଆର ରିପୋର୍ଟ-୨୦୨୦ରେ କର୍ଣ୍ଣାଟକ ୧୪ଶ ସ୍ଥାନରେ ଥିଲା ହେଲେ ୨୦୨୨ରେ ଏହି କର୍ଣ୍ଣାଟକକୁ ପ୍ରଥମରେ ସ୍ଥାନୀତ କରାଯାଇଛି । ନ୍ୟାୟ ବ୍ୟବସ୍ଥା ଉପରେ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ ରହିଛି ଏବଂ ଏଥିରୁ ଗରୀବ ଲୋକଙ୍କୁ କାହିଁକି ଓ କିପରି ନ୍ୟାୟ ମିଳୁନାହିଁ ସେ କଥା ସ୍ପଷ୍ଟ ଜଣାପଡ଼ିଯାଉଛି ।

ଆଇଜେଆର-୨୦୨୨ର ପ୍ରସ୍ତାବନାରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତ ତାଙ୍କ ମତାମତ ରଖିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ମଧ୍ୟ ନ୍ୟାୟ ମିଳିବା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଭାରତରେ ଜେଲ ମାନଙ୍କରେ ଯେତେ ଲୋକ ଅଛନ୍ତି ସେମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ହେଉଛନ୍ତି ବିଚାରାଧିନ କଏଦୀ । ଅର୍ଥାତ୍ ଏମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ଏଯାବତ୍ ପ୍ରମାଣିତ ହୋଇପାରିନାହିଁ । ଏମାନଙ୍କ ମଧ୍ୟରୁ ଅନେକଙ୍କର ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ଯେତିକି ଦିନ ଜେଲ ଦଣ୍ଡ ହେବା କଥା ତାଠାରୁ ଅଧିକ ଦିନ ସେମାନେ ଜେଲରେ ରହିସାରିଲେଣି । ଏମାନେ ସମସ୍ତେ ଗରୀବ । ୨୦୧୭ ଡିସେମ୍ବରରୁ ୨୦୨୧ ଡିସେମ୍ବର ମଧ୍ୟରେ ୫ବର୍ଷରୁ ଅଧିକ ସମୟ ଜେଲରେ ରହିଥିବା ବିଚାରାଧିନ କଏଦୀଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଯାଇଛି । ଏସବୁ ତଥ୍ୟକୁ ଆଧାର କରି ଆଇଜେଆର-୨୦୨୨ ରିପୋର୍ଟରେ କୁହାଯାଇଛି ଯେ ମାମଲାର ବିଚାର ପାଇଁ ଅଧିକ ସମୟଲାଗୁଛି ଯେଉଁଥିପାଇଁ ନ୍ୟାୟ ପ୍ରଦାନ କରିବାର କ୍ଷମତା ହ୍ରାସ ପାଇବାରେ ଲାଗିଛି । ଦେଶରେ ଏବେ ପାଖାପାଖି ୫୦ନିୟୁତ ମାମଲା ବିଚାରାଧିନ ରହିଛି । ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତଙ୍କ ମତରେ ଅପରାଧିକ ମାମଲାରେ ଫସିଥିବା ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯାଇ ପାରୁନାହିଁ ଫଳତଃ ଏମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଆଇନ ସହାୟତା କେନ୍ଦ୍ରର ସଂଖ୍ୟା ମଧ୍ୟ ଦେଶରେ ଆଶାତୀତ ଭାବେ କମିଛି । ଏଥିପାଇଁ ବୋଧହୁଏ କଏଦୀଙ୍କୁ ଅଧିକ ଦିନ ଜେଲରେ ରହିବାକୁ ପଡୁଛି । କୋଲେଜିୟମ ଉପରେ ଅଧିକ ତର୍ଜମା ହେଉଛି କିନ୍ତୁ ନିରନ୍ତର ଦୁର୍ବଳ ହେଉଥିବା ନ୍ୟାୟ ବିତରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନାହିଁ ।

ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ । ୨୦୨୨ ଡିସେମ୍ବର ସୁଦ୍ଧା ଦେଶର ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୯ଜଣ ବିଚାରପତି ରହିଛନ୍ତି । କେନ୍ଦ୍ର ବିଧି ଆୟୋଗ ୧୯୮୭ରେ ପରାମର୍ଶ ଦେଇଥିଲେ ଯେ ଆଗାମୀ ଏକଦଶନ୍ଧି ମଧ୍ୟରେ ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ରହିବା ଜରୁରୀ । ପଦବୀ ପୂରଣ ସମସ୍ୟା କେବଳ ନ୍ୟାୟପାଳିକାରେ ଯେ ରହିଛି ତା ନୁହେଁ ପୋଲିସ, ଜେଲ ଓ ଆଇନ ସହାୟତା ବ୍ୟବସ୍ଥାରେ ମଧ୍ୟ ଏଭଳି ସମସ୍ୟା ରହିଛି । ଦେଶରେ ୨୯ ପ୍ରତିଶତ ପୋଲିସ୍ ଅଧିକାରୀମାନଙ୍କର ପଦବୀ ଖାଲି ପଡ଼ିଛି । ପୋଲିସ ଓ ଜନତାଙ୍କ ଅନୁପାତ ପ୍ରତିଲକ୍ଷରେ ୧୫୨.୮ ରହିଛି । ଆନ୍ତର୍ଜାତୀୟ ମାନକ ଅନୁସାରେ ଏହା ପ୍ରତି ଲକ୍ଷରେ ୭୨୨ରହିବା କଥା । ଜେଲ ଗୁଡ଼ିକରେ କ୍ଷମତାଠାରୁ ୧୩୦ ପ୍ରତିଶତ ଅଧିକ କଏଦୀଙ୍କୁ ରଖାଯାଉଛି ଓ ଦୁଇ ତୃତୀୟାଂଶରୁ ଅଧିକ କଏଦୀ ତଦନ୍ତ ଅଥବା ଟ୍ରାଏଲ ସଂପୂର୍ଣ୍ଣ ହେବାର ପ୍ରତିକ୍ଷାରେ ରହିଛନ୍ତି । ବିଡ଼ମ୍ବନାର ବିଷୟ ହେଉଛି ଅନେକ ରାଜ୍ୟ ପୋଲିସ, ଜେଲ ଓ ନ୍ୟାୟପାଳିକାର ଆବଶ୍ୟକତା ଅନୁସାରେ ରାଜ୍ୟ ବଜେଟରେ ବୃଦ୍ଧି କରୁନାହାଁନ୍ତି । ଏପରିକି କେତେକ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ମିଳୁଥିବା ଅର୍ଥକୁ ସଂପୂର୍ଣ୍ଣ ବିନିଯୋଗ କରୁନାହାଁନ୍ତି । ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କ ମତ ହେଉଛି ଟ୍ରେନିଙ୍ଗ୍ ଓ ଭିତ୍ତିଭୂମି କ୍ଷେତ୍ରରେ ଅବସ୍ଥା କିଛି ସୁଧୁରିଛି । କିନ୍ତୁ ଆହୁରି ଅଧିକ କିଛି କରିବାକୁ ହେବ । ମହିଳା ପୁଲିସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା, ଲୋକଙ୍କୁ ମାଗଣାରେ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି ପୂର୍ବତନ ବିଚାରପତି ମଦନ ବି ଲୋକୁର । ଦେଶର ପ୍ରତି ୪ଟି ପୋଲିସ୍ ଷ୍ଟେସନ ମଧ୍ୟରୁ ଗୋଟିଏରେ ସିସିଟିଭି ନାହିଁ । ପ୍ରତି ୧୦ ପୋଲିସ ଷ୍ଟେସନ ମଧ୍ୟରୁ ପ୍ରାୟ ୩ଟିରେ ମହିଳା ହେଲପ ଡେସ୍କ ନାହିଁ ଯଦିଓ ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି । କମିଟି ଅଫ ନେସନ୍ସର ସଦସ୍ୟ ହୋଇଥିବା କାରଣରୁ ଭାରତ କରିଛି ଯେ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବ ଏବଂ ସବୁ ସ୍ତରରେ ପ୍ରଭାବୀ, ଉତ୍ତରଦାୟୀ ଓ ସମାବେଶୀ ସଂସ୍ଥା ଗଠନ କରିବ । କିନ୍ତୁ ଆଇଜେଆର ୨୦୨୨ର ରିପୋର୍ଟରୁ ଯାହା ତଥ୍ୟ ମିଳୁଛି ଏହା ସମ୍ଭବ ନୁହେଁ । ସମସ୍ତଙ୍କୁ ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ତଙ୍କୁ ନ୍ୟାୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାନଯିବା ପର୍ଯ୍ୟନ୍ତ ଅବସ୍ଥା ସୁଧୁରିବ ନାହିଁ । ଏଥିପାଇଁ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ ଓ ଦୀର୍ଘଦିନରୁ ଚାଲିଆସୁଥିବା ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ପତିତପାବନ ନାମଟି ଯା'ର

॥ ବିଷ୍ଣୁରଞ୍ଜନ ପାଣିଗ୍ରାହୀ ॥

ଉପର ଲିଖିତ ଉଭୟ ଯୁକ୍ତିକୁ ଗବେଷକ ଅସିତ ମହାନ୍ତି ତାଙ୍କର ପ୍ରବନ୍ଧ ନୀଳଚକ୍ରେ ହେ ଦେଖ ଉଡୁଛି ବାନାରେ ସମୀକ୍ଷା କରି ଦର୍ଶାଇଛନ୍ତି । ପତିତପାବନ ପତାକା ସହ ଏ ଉଭୟ ଆରୋପ ଭିତ୍ତିହୀନ । ପତାକାରେ ଚନ୍ଦ୍ରବିନ୍ଦୁ ଏ କ୍ଷେତ୍ରର ମୌଳିକ ତତ୍ତ୍ୱ । ବର୍ଷ ବର୍ଷର ସନାତନ ବିଶ୍ୱାସ ଏହି ଚନ୍ଦ୍ରବିନ୍ଦୁକୁ ପ୍ରଣବ / ଓଁକାରର ଅର୍ଦ୍ଧମାତ୍ରା ଭାବରେ ଗ୍ରହଣ କରିଆସିଛି । ଚନ୍ଦ୍ରବିନ୍ଦୁ ଯେ କେବଳ ପତାକାରେ ବ୍ୟବହୃତ ତା ନୁହେଁ ମହାପ୍ରଭୁଙ୍କ ଆଲଟ (ବିଞ୍ଜଣା)ର କେନ୍ଦ୍ର ଭାଗରେ ଏହି ଚନ୍ଦ୍ରବିନ୍ଦୁ ରହିଛି । ପୁଣି ମହାପ୍ରଭୁଙ୍କ ସୁନାବେଶ କାଳରେ ପ୍ରଭୁଙ୍କ ଚନ୍ଦ୍ର ସୂର୍ଯ୍ୟ ନାମକ ଦୁଇଟି ସ୍ୱର୍ଣାଳଙ୍କାର ଲାଗି ହୁଏ । ପୁରୁଷ ସୂକ୍ତର ବର୍ଣ୍ଣନା ଅନୁସାରେ, ମହାପୁରୁଷଙ୍କର ମନରୁ ଚନ୍ଦ୍ରମା ପ୍ରକାଶିତ ଚକ୍ଷୁରୁ ସୂର୍ଯ୍ୟ ସୃଷ୍ଟି ହୋଇଛନ୍ତି । ଜ୍ୟୋତିଷ ଶାସ୍ତ୍ରର ଗଣନା ବିଧି ଅନୁସାରେ ଚନ୍ଦ୍ରମାଣ ଓ ସୌରମାଣ ଦୁଇ ପ୍ରକାରର ଗଣନା ବିଧି ରହିଛି । ହୁଏତ ଏପରି ବି ହୋଇପାରେ କାଳ ଗଣନା ବିଧିର ଉର୍ଦ୍ଧ୍ୱରେ ଅନନ୍ତକାଳର ପ୍ରତୀକ ରୂପରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାନିତ କରାଯାଇଛି । ଶ୍ରୀଜଗନ୍ନାଥ ଅନନ୍ତକାଳ ହେଲେ, ସୂର୍ଯ୍ୟ ଚନ୍ଦ୍ର କାଳର ପ୍ରତୀକ, ସେ ତାଙ୍କୁ ଧାରଣ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ଧ୍ୟାନ ମନ୍ତ୍ରରେ ତାଙ୍କୁ ପ୍ରଣବ ତନୁଧର ବୋଲି ବା ଓଁକାର ସ୍ୱରୂପ ବୋଲି ମଧ୍ୟ କୁହାଯାଉଛି । ଓଁକାର ହେଉଛି ବ୍ରହ୍ମଧ୍ୱନି । ଧ୍ୱନି, କମ୍ପନ ଓ ତରଙ୍ଗର ଏକ ମିଳିତ ସ୍ୱରୂପ । ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ର କେନ୍ଦ୍ର ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ଚୂଡ଼ାରେ ଶ୍ରୀବତ୍ସ ଖଣ୍ଡଶାଳ, ଶ୍ରୀବିଷ୍ଣୁ ପ୍ରାସାଦର ପୂର୍ଣ୍ଣତାକୁ ସୂଚିତ କରି ଯେଉଁ ଚନ୍ଦ୍ରବିନ୍ଦୁ ଚିହ୍ନିତ ପତିତପାବନ ପତାକା ଉଡୁଛି, ତାହା ବୋଧହୁଏ କ୍ଷେତ୍ରର କେନ୍ଦ୍ରବିନ୍ଦୁରୁ ପ୍ରକାଶିତ ପ୍ରଣବର ଅର୍ଦ୍ଧମାତ୍ରା, ଚନ୍ଦ୍ରବିନ୍ଦୁକୁ ସୂଚିତ କରୁଅଛି । ଯଦି କ୍ଷେତ୍ରର କେନ୍ଦ୍ରରେ ପ୍ରଣବ ଓଁକାର ତେବେ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର କାହିଁକି ? ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଛି, ଓଁକାରୋଽପି ଭବେତ୍ କ୍ଷେତ୍ରମ ଶେଷଃ ସିଂହାସନସ୍ଥଳୀ ବିନ୍ଦ୍ୱର୍ଧ୍ୱମାତ୍ରେ ଦ୍ୱେଚାତ୍ର ଶ୍ରୀଭୂଶକ୍ତି ଦ୍ୱୟଂ କ୍ରମାତ୍ । ଯାହାର ଅର୍ଥ ହେଉଛି ଓଁକାର କ୍ଷେତ୍ର ଭାବରେ ଆଦି ସିଂହାସନ ଏବଂ ସେଠାରେ ସୂଚିତ ବିନ୍ଦୁ ଓ ଅର୍ଦ୍ଧମାତ୍ରା ଶ୍ରୀଶକ୍ତି ଓ ଭୂଶକ୍ତିର ପ୍ରତୀକ । ଏଣୁ କ୍ଷେତ୍ର ଶ୍ରୀକ୍ଷେତ୍ର ହେଲେ ହେଁ ପତିତପାବନ ପତାକାରେ ସ୍ଥାନିତ ଚନ୍ଦ୍ରବିନ୍ଦୁ ସାମଗ୍ରୀକ ଶ୍ରୀ ଓ ଭୂ ଉଭୟ ଶକ୍ତିଙ୍କର ପ୍ରତୀକ ଭାବରେ ଅଧିଷ୍ଠିତ ।

ତ୍ରିଭୁଜାକୃତି ଏହି ପତାକାର ଲମ୍ବରେ ଆଗରୁ କିଛି ବାରଣ ନଥିଲା । ସଂପ୍ରତି ପବନରେ ବାନା ନୀଳଚକ୍ରକୁ ପ୍ରଭାବିତ କରିବାରୁ ଏହି ବାନାର ଲମ୍ବକୁ ନିର୍ଦ୍ଦିଷ୍ଟ ୧୪ ହାତ କରି ଦିଆଯାଇଛି । ଆଗରୁ ଅନେକଗୁଡ଼ିଏ ବାନା ଲାଗି ହେଉଥିବାବେଳେ ସଂପ୍ରତି କେବଳ ଗୋଟିଏ ବାନା ନୀଳଚକ୍ର ଉପରେ ଉଡୁଛି । ଅନ୍ୟ ବାନାଗୁଡ଼ିକୁ ନୀଳଚକ୍ରର ତଳ ଭାଗରେ ବାନ୍ଧି ଦିଆଯାଉଛି । ପୂର୍ବରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ମାନସିକ ଅନୁଯାୟୀ ବନ୍ଧା ଯାଉଥିବା ବାନା ମଧ୍ୟରେ ସର୍ବବୃହତ୍ ବାନାଟିର ନାମ ହେଉଛି ପାଦୁକା ଶୋଷା ବାନା ଯେଉଁ ବାନା ନୀଳଚକ୍ର ଚୂଡ଼ାରୁ ଲମ୍ବି ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ପାଦୁକ କୁଣ୍ଡ ଯାଏଁ ଝୁଲି ରହୁଥିଲା । ବଡ଼ ବଡ଼ ବାନା ମଧ୍ୟରେ ୧୦୮ ହାତ, ୧୨୦ ହାତ ପର୍ଯ୍ୟନ୍ତ ଲମ୍ବା ବାନାର ବ୍ୟବହାର ମଧ୍ୟ ହେଉଥିଲା । ସଂପ୍ରତି ନୀଳଚକ୍ରର ସୁରକ୍ଷା ନିମନ୍ତେ ଏହିସବୁ ବାନାର ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।

ପ୍ରତିଦିନ ନୀଳଚକ୍ର ଚୂଡ଼ାରେ ବାନା ବନ୍ଧାଯାଏ । ବାନା ବାନ୍ଧିବା ପାଇଁ ନୀଳଚକ୍ର ସହ ଏକ ୪୦ ଫୁଟ ଉଚ୍ଚ ବାଉଁଶ ବନ୍ଧା ଯାଇଥାଏ । ୧୨ଫୁଟ୍ ନୀଳଚକ୍ର ସହ ରହି ବଳକା ଅଂଶଟି ୯୦ ଡିଗ୍ରୀ ସ୍ଥିତିରେ ଉପରକୁ ଉଠିଥାଏ । ପ୍ରତି ମାସରେ ଏହି ବାଉଁଶକୁ ପରିବର୍ତ୍ତନ କରାଯାଏ । ଏହାର ଶୀର୍ଷରେ ପତିତପାବନ ବାନାକୁ ବନ୍ଧାଯାଇଥାଏ । ବାନା ଭକ୍ତମାନଙ୍କ ଦ୍ୱାରା କିଣା ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ ହୋଇଥାଏ । ସେହି ବାନାକୁ ମନ୍ଦିର ପ୍ରଶାସନ ଦ୍ୱାରା ବନ୍ଧା ଯିବାର ବ୍ୟବସ୍ଥା କରାଯାଏ । ପ୍ରତିଦିନ ନୂଆ ବ

ସୁକନ୍ୟା ଯୋଜନାରେ ଡାକ ଘରେ ଛାତ୍ରୀଙ୍କ ଖାତା ଖୋଲି ପ୍ରଶଂସା ସାଉଁଟିଲେ ଶିକ୍ଷକ ଓ ଶିକ୍ଷୟତ୍ରୀ

କରଞ୍ଜିଆ, ୨।୧୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କର ଯୁଗାନ୍ତକାରୀ ଯୋଜନା ବେଟି ବଚାଓ ବେଟି ପଢ଼ାଓ ମାଧ୍ୟମରେ ୧୦ ବର୍ଷ ରୁ କମ କନ୍ୟା ସନ୍ତାନ ମାନଙ୍କର ସୁକନ୍ୟା ସମୃଦ୍ଧି ଯୋଜନାରେ ଆକାଉଣ୍ଟ ଖୋଲିବା ନିମନ୍ତେ ତାଳପଦା ଶାଖା ଡାକ ଘରର ପୋଷ୍ଟମାଷ୍ଟର ଅନିତା ବେହେରା ଲୋକନାଥପୁର୍ ଗ୍ରାମବାସୀଙ୍କୁ ବୁଝାଇବା ସହ ସ୍କୁଲ ଓ ଅଙ୍ଗନୱାଡ଼ି ରେ ମଧ୍ୟ ବୁଝାଉଥିଲେ। ଏହା ସହ ସେ ଶିକ୍ଷକ ତଥା ଅନ୍ୟ ମାନ୍ୟଗଣ୍ୟ ଲୋକ ମାନଙ୍କୁ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଝିଅ ପିଲାମାନଙ୍କର ସୁକନ୍ୟା ଯୋଜନାରେ ଖାତା ଖୋଲିବା ପାଇଁ ପରାମର୍ଶ ଦେଇ ଥିଲେ। ତାଙ୍କଠାରୁ ସୁକନ୍ୟା ଖାତା ଖୋଲିବା ବିଷୟରେ ବିସ୍ତୃତ ଭାବେ ବୁଝି, ଲୋକନାଥପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନାତନ ତାଳସୂରୁଡ଼ା ଭଲ ପାଠ ପଢୁଥିବା ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ଦୁଇଗୋଟି ଝିଅଙ୍କ ଭବିଷ୍ୟତ ସୁରକ୍ଷା ଯୋଗାଇ ଦେବା ପାଇଁ ସେମାନଙ୍କ ନାମରେ ପୃଥକ ଭାବେ ଦୁଇଗୋଟି ସୁକନ୍ୟା ଜମା ଖାତା ତାଳପଦା ଶାଖା ଡାକଘରେ ଖୋଲି ନିଜେ ତାଙ୍କ ପାଇଁ ଟଙ୍କା ଜମା କରିଥିଲେ। ଏହି ଖାତା ଖୋଲାଇ ଶିକ୍ଷକ ସନାତନ ତାଳସୂରୁଡ଼ା ଓ ଶିକ୍ଷୟତ୍ରୀ ରୁଥ ହେମ୍ବ୍ରମ ଗ୍ରାମବାସୀ ଙ୍କ ର ପ୍ରଶଂସା ସାଉଁଟି ଥିବାର ଜାଣିବାକୁ ମିଳିଛି ତାଙ୍କର ଏହି ମହନୀୟ କାର୍ଯ୍ୟ ଯୋଗୁଁ କୁନି ଦୁଇ ଝିଅ ରୁପା ହୋ, ଦିବାନି ହୋଙ୍କର ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ପ୍ରତ୍ୟକ ଝିଅ ମାନଙ୍କ ନିମନ୍ତେ ସୁକନ୍ୟା ଖାତା ପାଇଁ ୨୫୦/- ଟଙ୍କା ଦେଇ ଡାକ ଘରେ ଖାତା ଖୋଲାଯାଇପରିବ। ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ କାର୍ଯ୍ୟକୁ ଦେଖି ଲୋକମାନେ ଝିଅ ପିଲାଙ୍କ ସୁକନ୍ୟା ଖାତା ଖୋଲାଇବା ପାଇଁ ଅ।ଗ୍ରହ ପ୍ରକାଶ କରି ଖାତା ଖୋଲୁ ଥିବାର ଜାଣିବାକୁ ମିଳିଛି। କରଞ୍ଜିଆ ଡାକ ନିରୀକ୍ଷକ ବିକ୍ରମ ନାୟକ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ କାର୍ଯ୍ୟକୁ ଶୁଭେଚ୍ଛା ଜଣାଇଛନ୍ତି।

ନିଜ ଗାଁ ବନ୍ଦଣା ପର୍ବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨।୧୧ (ମହାଭାରତ): ଦୀପାବଳି ଉତ୍ସବରେ ସାମିଲ ହେବାକୁ ମୋହନ ଚରଣ ମାଝୀ ଗୁରୁବାର ନିଜ ଗାଁ କେନ୍ଦୁଝରର ରାଇକଳାରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଘରେ ପହଞ୍ଚି ପଇଡ଼ ପାଣି ପିଇବା ସହ ମିଠା ମଧ୍ୟ ଖାଇଥିଲେ। ଏହା ସହ ସେ ଗାଁ ମହୋତ୍ସବରେ ସାମିଲ ମାର୍ଦ୍ଦଳ ବଜାଉଥିବାର ଭିଡିଓ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ କାଳୀପୂଜା ଓ ଦୀପାବଳି ଉତ୍ସବ, ଯାହାକୁ ସେ ନିଜ ଗାଁରେ ପାଳନ କରିଛନ୍ତି। ପ୍ରଥମେ ସେ ନିଜ ଗାଁ ମୁଣ୍ଡ ପଡ଼ିଆରେ ଗୋଠାଣି ପୂଜାରେ ଯୋଗ ଦେବାପରେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଦୀପାବଳି ପାଳନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ସଜାଇ ହେଇଥିଲା ରାଇକଳା ଗାଁ। ଗାଁ ଦାଣ୍ଡରେ ଝିଅ, ବୋହୂମାନେ ମୁରୁଜ ପକାଇଥିଲେ। ଏଥି ସହିତ କଳସ ସଜାଯାଇଥିଲା। ମୁଖ୍ୟମନ୍ତ୍ରୀ ଗାଁରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। କାଳୀପୂଜା ଘରେ

କରିବା ସହ ଗାଁରେ ଲୋକଙ୍କ ସହିତ ନିଜକୁ ସାମିଲ କରିଥିଲେ ମୁଖ୍ୟମନ୍ତ୍ରୀ। କାଳୀ ପୂଜାକୁ ସାନ୍ତାଳୀ ଭାଷାରେ 'ସହରାଇ' (ପେ ମାହଁଆ) ବୋଲି କୁହାଯାଏ। ସହରାଇ (ପେ ମାହଁଆ) ୩ଦିନ ଧରି ପାଳନ କରାଯାଏ।

ପ୍ରଥମ ଦିନକୁ 'ଗୋଟବଙ୍କା' ନାମରେ ପାଳନ କରାଯାଏ। ସେହିଦିନ ଅଣ୍ଡା ପୂଜା କରି ସାହିର ସବୁ ବଳଦ ଗାଈକୁ ନେଇ ଅଣ୍ଡା ଦିଆଯାଏ, ଦ୍ୱିତୀୟ ଦିନକୁ ଗୋବର୍ଦ୍ଧନ ପୂଜା। ସାନ୍ତାଳୀ ଭାଷାରେ ତାକୁ 'ଖଳାବଙ୍କା'ବୋଲି କୁହାଯାଏ, ଏହି ଦିନ କୁକୁଡା ପୂଜା କରାଯାଏ। ତୃତୀୟ ଦିନ 'ବୁଢ଼ୀ ବନ୍ଦନା ' ତାକୁ ସାନ୍ତାଳୀ ଭାଷାରେ 'ଗାଏ ଖୁ ଉ' ବୋଲି କୁହାଯାଏ। ସେହିଦିନ ଗୋରୁଙ୍କୁ ବନ୍ଦାପନା କରାଯାଇଥାଏ, ତାକୁ ସାନ୍ତାଳୀ ଭାଷା 'ଟୁମାଣା 'ବୋଲି କୁହାଯାଏ, ଏହିପରି ୩ ଦିନ ସହରାଇ ପାଳନ କରାଯାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାର୍ଦ୍ଦଳ ବଜାଇ ଗ୍ରାମବାସୀଙ୍କ ସହ ସହରାଇ ପୂଜା ମନାଇଥିଲେ। ଶେଷରେ ବାଣ ଫୁଟାଇ ଦୀପାବଳି ମନାଇବା ସହିତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଅନୁଗୋଳ, ୨।୧୧ (ମହାଭାରତ): ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ର ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ତା ୧.୧୧.୨୦୨୪ ରିଖ ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷି ଏବଂ ବୈଷୀକ ବିଶ୍ୱବିଦ୍ୟାଳୟର କୁଳପତି ମହୋଦ। ଡଃ (ପ୍ରଫେସର) ପ୍ରଭାତ କୁମାର ରାଉଳ ଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ଼ଃ (ପ୍ରଫେସର) ପ୍ରସନ୍ନଜିତ ମିଶ୍ର, ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକର ଫସଲ ସଂରକ୍ଷଣ ବିଭାଗୀୟ ମୁଖ୍ୟ ଡ଼ଃ ଶ୍ୟାମରଞ୍ଜନ ଦାସମହାପାତ୍ର ଏବଂ କଲିକତାସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟର ପ୍ରମୁଖ ବୈଜ୍ଞାନିକ ଡ଼ଃ କଲ୍ୟାଣ ସୁନ୍ଦର ଦାସ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ।

ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଢେଙ୍କାନାଳ ମହିଷାପାଟ ସ୍ଥିତ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଅତିରିକ୍ତ ଗବେଷଣା ନିର୍ଦ୍ଦେଶକ ଡ଼ଃ ଭକ୍ତ ଚରଣ ଧିର୍, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ମତ୍ସ୍ୟ ଉପ ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଜିଲ୍ଲା ଉନ୍ନୟନ ପ୍ରବନ୍ଧକ, ନାବାର୍ଡ, ସହକାରୀ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ, ଅଗ୍ରଣୀ ବ୍ୟାଙ୍କ୍ ପ୍ରବନ୍ଧକ, ସହକାରୀ ବନ୍ୟ ସଂରକ୍ଷକ ଏଂ ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରକଳ୍ପ ପ୍ରବନ୍ଧକ ଗଣ ଯୋଗ ଦେଇଥିଲେ। ଏହି ସଭାରେ ଢେଙ୍କାନାଳ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୂଖ୍ୟ ବୈଜ୍ଞାନିକ ଡଃ ବିମଳେନ୍ଦୁ ମହାନ୍ତି ଏବଂ ଜିଲ୍ଲାର ୪ ଜଣ ଅଗ୍ରଣୀ କୃଷକ ଓ କୃଷିଜିବୀ ମହିଳା ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ କେନ୍ଦ୍ରର ମୁଖ୍ୟ ଡଃ ଦେବାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ମାନନୀୟ କୁଳପତି ମହୋଦୟ ବୈଠକର ବିଶେଷ୍ ସମ୍ବନ୍ଧରେ ସମ୍ୟକ ଭାବେ ଆଲୋଚନା କରିଥିଲେ। ଏହା ପରେ ମୂଖ୍ୟ ବୈଜ୍ଞାନିକ ଡଃ ମିଶ୍ର କେନ୍ଦ୍ର ଦ୍ୱାରା ସମ୍ପାଦିତ କାର୍ଯ୍ୟାବଳୀ ସମ୍ବନ୍ଧରେ ଉପସ୍ଥିତ ବୈଠକ ମଣ୍ଡଳୀକୁ ବିସ୍ତୃତ ବିବରଣୀ ଦେବା ସହିତ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହା ପରେ ଅଧକ୍ଷ ମହୋଦୟ ବୈଠକ ମଣ୍ଡଳୀଙ୍କ ଠାରୁ ଏହି ଉପସ୍ଥାପନ ସମ୍ବନ୍ଧରେ ମତାମତ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ କୃଷକ ଉତ୍ପାଦକ ସଂଗଠନ ଗୁଡ଼ିକୁ ସଶକ୍ତ କରିବା, ମୂଲ୍ୟ ଯୁକ୍ତ ଉତ୍ପାଦ ପ୍ରସ୍ତୁତିର ପ୍ରଶସ୍ତିକରଣ, ଛେଳି ପାଳନ କ୍ଷେତ୍ର ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବା, କନ୍ଦ ଜାତୀୟ ଫସଲକୁ ଗୁରୁତ୍ୱ ଦେବା, ଜୈବିକ ବିକର୍ଷକ ବ୍ୟବହାର କରି ବନ୍ୟପ୍ରାଣୀ ଉପଦ୍ରବକୁ ପ୍ରତିହତ କରିବା ତଥା କେନ୍ଦ୍ରର ପରିସରକୁ ଅଧିକ ସୁଦୃଢ଼ ତଥା ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକକୁ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତି ଧରିତ୍ରୀ ପାତ୍ର, ଡଃ ଔଯ୍ୟକ୍ କୁମାର ସାମନ୍ତ, ଡ଼ଃ ମୋନାଲିସା ବେହେରା, ଡଃ ଇପ୍ସିତା ମିଶ୍ର, ଶ୍ରୀମତୀ ସୋନୀତାରାଣୀ ସେଠୀ, ଶ୍ରୀମତୀ ରଶ୍ମିପ୍ରଭା ମିଶ୍ର ଆଦି ସ ।ଳନ କରିଥିବା ବେଳେ ଅନ୍ୟ କାର୍ଯ୍ୟକ□ା ମାନେ ସହାୟତା କରିଥିଲେ ।

ପାରାଦୀପ ରିଫାଇନେରୀରେ ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ ମୁନ୍ ସମ୍ମିଳନୀ

ପାରାଦୀପ, ୨।୧୧ (ମହାଭାରତ): ପାରାଦୀପ ରିଫାଇନେରୀ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ ଜଗତସିଂହପୁର ଜିଲ୍ଲାରେ ପ୍ରଥମ ଇଣ୍ଟର-ସ୍କୁଲ ମଡେଲ ମିଳିତ ଜାତିସଙ୍ଘ (ମୁନ୍) ସମ୍ମିଳନୀ ଗତ ଅକ୍ଟୋବର ୨୯ ତାରିଖରେ ଆୟୋଜନ କରି ଏକ ଐତିହାସିକ ସଫଳତା ହାସଲ କରିଛି । ଏହା ଦିଲ୍ଲୀ ପବ୍ଲିକ ସ୍କୁଲ ପାରାଦୀପ ରିଫାଇନାରୀ, ସିବିଏସ୍ଇ ସହୋଦୟ ଇଷ୍ଟର୍ଣ୍ଣ ଏବଂ କଟକ କମ୍ପ୍ଲେକ୍ସ ସହଯୋଗରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଓଡ଼ିଶାର ଦଶଟି ବିଦ୍ୟାଳୟରୁ ୮୨ ରୁ ଅଧିକ ଯୁବ ପ୍ରତିନିଧି ଯୋଗ ଦେଇଥିଲେ। ଯେଉଁଠାରେ ଛାତ୍ରଛାତ୍ରୀ ମାନେ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ବିତର୍କ ଏବଂ ଆଲୋଚନା କରିବା ସହିତ କୂଟନୈତିକ ସମ୍ପର୍କ ଏବଂ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ।

ଏହି ସଫଳ କାର୍ଯ୍ୟକ୍ରମର ରୂପାୟନ ଦିଲ୍ଲୀ ପବ୍ଲିକ ସ୍କୁଲର ଅଧକ୍ଷ ଜଗେଶ୍ୱର ବୋରାଙ୍କ ନେତୃତ୍ୱରେ, ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଶିକ୍ଷୟତ୍ରୀ ଶ୍ରୀମତୀ ସୁନା ପ୍ରତୀମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶନାରେ, ସାମାଜିକ ବିଜ୍ଞାନ ବିଭାଗର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା । ଅଂଶଗ୍ରହଣକାରୀ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ସମ୍ମିଳନୀର ଆୟୋଜନରେ ଡିପିଏସ ପାରାଦୀପ ରିଫାଇନେରୀର ମେଘାଗ୍ନି ପଟ୍ଟନାକ, ଅଦିତି ତିୱାରୀ, ସାଇସ୍ମିତା ସାମଲ, ସୁବ୍ରତ ନାକ, ଅର୍ପିତ ସେନାପତି, ଅମିର, ମୈଥିଳୀ ନେଗି, ସାହିଲ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀ ମାନେ ଗୁରୁପୂର୍ଣ୍ଣ ଭୂମିକା ବହନ କରିଥିଲେ ।

ଏହି ଐତିହାସିକ ସମ୍ମିଳନୀର ସଫଳତା ଏହି ଅଞ୍ଚଳରେ ଭବିଷ୍ୟତର ମୁନ କାର୍ଯ୍ୟକ୍ରମ ପାଇଁ ଏକ ଦୃଢ଼ ମୂଳଦୁଆ ପକାଇଛି । ଯାହାକି ଛାତ୍ରଛାତ୍ରୀ ମାନଙ୍କ ସମାଲୋଚନାକାରୀ ଚିନ୍ତାଧାରା, ଜନସାଧାରଣଙ୍କ କହିବା ଏବଂ ବୁଝିବା ଦକ୍ଷତା ବିକାଶ ପାଇଁ ସୁଯୋଗ ପ୍ରଦାନ କରି ଓଡିଶାର ଯୁବକମାନଙ୍କୁ ପ୍ରେରଣା ଯୋଗାଇବା ସଙ୍ଗେ ସଙ୍ଗେ ସଶକ୍ତ କରିବ।

ବିଲଡର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ହେଉଛି ବେଆଇନ୍ ରାସ୍ତା ଓ ବ୍ରିଜ୍

କଣ୍ଟାପଡ଼ା, ୨।୧୧ (ମହାଭାରତ): ସଦର ଥାନା ଅନ୍ତର୍ଗତ କୁରାଙ୍ଗପ୍ରଧାନ, କ୍ୱାରଙ୍ଗଶାସନ, ନଗରୀ ପଞ୍ଚାୟତ ଅନ୍ତର୍ଗତରେ ଥିବା ଗ୍ରାମ ଓ ବାଲିଅନ୍ତା ପଞ୍ଚାୟତ ଅଧିନରେ ଥିବା ତିରଣପଦା, କଣ୍ଟିଲୋ, ବାଇଣ୍ଡଳ ଗ୍ରାମ ଗୁଡ଼ିକରେ ପ୍ରାଚୀ ଡିଭିଜନର ଥିବା କେନାଲ୍ ନାଳବନ୍ଧରେ ବିନା ଅନୁମତିରେ ନିର୍ମାଣ ହେଉଛି ବେଆଇନ୍ ରାସ୍ତା ଓ ପାଦଚଲା ପୋଲ। ସ୍ଥାନୀୟ ଅଞ୍ଚଳର କିଛି ବିଲଡରଙ୍କ ଜମି ଦଲାଲ, ଜମି ବ୍ୟବସାୟୀ ଏବଂ ପ୍ରତାପନଗରୀ ଜଳ ସେଚନ ଉପବିଭାଜନ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଏଭଳି ବେଆଇନ୍ ନିର୍ମାଣ କାର୍ଯ୍ୟ। ବାରମ୍ବାର ପ୍ରତାପନଗରୀ ଜଳ ସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀକୁ ଅବଗତ କଲା ପରେ ବି ଉକ୍ତ ବିଲଡରମାନଙ୍କ ଉପରେ ବିଭାଗ ତରଫରୁ କୌଣସି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଏମାନଙ୍କର ଦୌରାତ୍ମ ବଢ଼ିବାର ଦେଖିବାକୁ ମିଳୁଛି। କିଛି ଅସାଧୁ ବ୍ୟକ୍ତି ଓ ସ୍ଥାନୀୟ କୁଜିନେତା ବିକାଶର ନାରା ନେଇ ନିଜ ସ୍ୱାର୍ଥପାଇଁ ବିଭାଗର ବିନା ଅନୁମତିରେ ସରକାର କେନାଲବନ୍ଧକୁ ଜେସିବି ମେସିନ୍ ସହାୟ୍ୟରେ ତାଡ଼ି କେନାଲ ବନ୍ଧର ଦୁଇ ପାର୍ଶ୍ୱର ରାସ୍ତାରେ ନାଲି ମୋହରମ ପକେଇ ବେଆଇନ୍ ରାସ୍ତା ନିର୍ମାଣ କରୁଛନ୍ତି। ପୂର୍ବରୁ ବହୁଥର ପ୍ରାଚୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ପ୍ରତାପନଗରୀ ଜଳ ସେଚନ ଉପବିଭାଜନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିବା ପରେ ବି କୌଣସି ସୁଫଳ ଆଜି ଯାଏ ମିଳିନି। ଯାହା ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରାଇଛି। ସୂଚନା ଅନୁଯାୟୀ ଗତ ୩୦ ତାରିଖ ଦିନ ପାହାଳଥାନା ଅନ୍ତର୍ଗତ ତିରଣପଦା ଗ୍ରାମରେଥିବା କେନାଲ ବନ୍ଧରେ ବିଲଡରଙ୍କ କିଛି ବ୍ୟକ୍ତି ବେଆଇନ୍ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହି ବାବଦରେ ପ୍ରାଚୀ ଡିଭିଜନର ବ□ମାନର ଅଧିକ୍ଷଣଯନ୍ତ୍ରୀ ସମେତ ପ୍ରତାପନଗରୀ ଜଳସେଚନ ଉପବିଭାଜନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀଙ୍କୁ ଅବଗତ

କରାଯାଇଥିଲା। କାର୍ଯ୍ୟସ୍ଥଳରେ ଅଭିଯୋଗ ହେବାର ବହୁ ସମୟପରେ କନିଷ୍ଠଯନ୍ତ୍ରୀ ବେଆଇନ୍ ରାସ୍ତା କାର୍ଯ୍ୟ ହେଉଥିବା ସ୍ଥାନରେ ପହଞ୍ଚିଥିଲେ। କନିଷ୍ଠଯନ୍ତ୍ରୀ ଉକ୍ତ ବେଆଇନ୍ ରାସ୍ତ କାର୍ଯ୍ୟରେ ଉପଯୋଗ ହେଇଥିବା ଜେସିବି ମେସିନ୍ ଓ ସେଠାରେ କାମକରୁଥିବା ଲୋକଙ୍କର ଫଟୋ ଉଠାଇଥିଲେ। କିନ୍ତୁ କନିଷ୍ଠଯନ୍ତ୍ରୀ ଉକ୍ତ କେନାଲ ବନ୍ଧରେ ହେଉଥିବା ବେଆଇନ ରାସ୍ତା କାମକୁ ରୋକିବା ସହିତ ଉକ୍ତ ଜେସିବି ମେସିନକୁ କାମନକରି ପାଇଁ ନ କହି ଚାଲିଆସିଥିବାର ଦେଖିବାକୁ ମିଳିଥିଲା। କନିଷ୍ଠଯନ୍ତ୍ରୀ ସେ ସ୍ଥାନରୁ ଆସିବାପରେ ବିଲଡରଙ୍କ କିଛି ବ୍ୟକ୍ତି ପୁନର୍ବାର ସେହି ଜେସିବି ମେସିନ୍ ଦ୍ୱାରା କାର୍ଯ୍ୟକୁ ଯାରି ରଖିଥିଲେ। ଏଥିରୁ ସ୍ପଷ୍ଟଭାବେ ଜଣାପଡୁଛି ଯେ ପ୍ରାଚୀ ଡିଭିଜନର ପ୍ରତାପନଗରୀ ଜଳସେଚନ ଉପବିଭାଜନ ଅନ୍ତର୍ଗତ କେନାଲ ଗୁଡ଼ିକରେ ହୋଇଥିବା ବେଆଇନ୍ ପାଦଚଲା ପୋଲ ଓ କେନାଲର ଦୁଇ ପାର୍ଶ୍ୱରେ ଥିବା ବନ୍ଧରେ ବିଲଡର କରିଥିବା ଅସ୍ଥାୟୀ ରାସ୍ତାରେ କନିଷ୍ଠଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଭିତରେ ମଧୁଚନ୍ଦ୍ରିକା ଦ୍ୱାରା ହୋଇଛି। ଏହାଦ୍ୱାରା ଅଞ୍ଚଳରେ ଦିନକୁଦିନ ବେଆଇନ୍ ରାସ୍ତା ଓ ପୋଲ କାର୍ଯ୍ୟ ବଢ଼ିବାରେ ଲାଗିଥିଲେ ମଧ୍ୟ ଜଳସେଚନ ବିଭାଗ ଚୁପ୍ହୋଇ ବସିବା ଫଳରେ ବିଲଡର ଓ ମାଟି ମାଫିଆ ମାନଙ୍କ ବେଆଇନ୍ କାର୍ଯ୍ୟ ବଢ଼ିବାରେ ଲାଗିଛି। ଯଦି କେହି ଏହି ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ତାଙ୍କୁ ମରଣାତ୍ମକ ଧମକ ଦେବାକୁ ପଛାଉନାହାନ୍ତି ବେଆଇନ୍ କାର୍ଯ୍ୟକରୁଥିବା ଅଞ୍ଚଳର କିଛି ଗୋଷ୍ଠି। ଚାଷଜମିକୁ ଘରବାରିରେ ପରିଣତ କରି ଯମିକୁ ସଲଗ୍ନ ଥିବା କେନାଲ ଓ ସଫେଇ ବନ୍ଧକୁ ତାଡ଼ି ବେଆଇନ୍ ରାସ୍ତା କରି ବିପୁଳ ଟଙ୍କା ହାତେଇବା ଏହି ଗୋଷ୍ଠିର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଏହିପରି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ରାଜ୍ୟ ରାଜସ୍ୱକୁ ଦୁର୍ବଳ କରାଉଥିବା ବ୍ୟକ୍ତି ମାନଙ୍କ ଉପରେ ଯଦି ସରକାର ଦୃଢ଼କାର୍ଯ୍ୟନୁଷ୍ଠାନ ନ ନିଅନ୍ତି ତେବେ ଆଗକୁ ବହୁ ସମସ୍ୟା ଉପୁଜିବ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି।

ବଜାରରେ ଉପଲବ୍ଧ ସିନ୍ଥେଟିକ୍ ପାଉଡର ପନିର

କାକଟପୁର, ୨।୧୧ (ମହାଭାରତ): ମହାଭାରତ ,ଘରେ ଗାଈ ନାହିଁ, କିନ୍ତୁ ଘରକୁ ଘର ବୁଲି ଯୋଗାଇ ଦେଉଛନ୍ତି କ୍ଷୀର, ଦହି, ଘିଅ, ପନିର। କେତେକ ଦୋକାନରେ ବିଦେଶୀ ନାଁରେ ବେଧଡକ ବେପାର ଚାଲିଛି। ଏସବୁ ଅସଲି କି ନକଲି ଜାଣିବା ସାଧାରଣଲୋକଙ୍କ ପାଇଁ ସହଜ ନୁହେଁ। ତେଣୁ ଲୋକେ ଦେଶୀ ନାଁରେ ବିଷ ହିଁ ଖାଉଛନ୍ତି। କାକଟପୁର ଓ କୁଣ୍ଡେଇ ଅ ଳରେ ଅସାଧୁ ଉପା।ରେ କେମିକାଲ ଓ ପାଉଡର ବ୍ୟବହାର କରି ମାଳ ମାଳ ବେପାରୀ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବଡ଼ କଥା ହେଲା ଏହି ନକଲି ବେପାରରେ ସ୍ଥାନୀ। ଲୋକଙ୍କ ଦବଦବା ବେଶି। ସେମାନେ ଏହାର ଅସଦ ବ୍ୟବହାର କରି ବିନା ଗାଈରେ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ବେପାରରେ ସକ୍ରି। ରହିଛନ୍ତି। ପ୍ରକୃତ ଦାମଠାରୁ ଏହି ନକଲି ସାମ୍ରଗୀର ଦାମ କମ୍ ରହିଥିବାବେଳେ ଲୋକଙ୍କ ପାଖରେ ଏସବୁ ସହଜରେ ଉପଲବ୍ଧ ହେଉଛି। ମିଳିଥିବା ସୂଚନା ଅନୁସାରେ ଉଭୟ ଅଞ୍ଚଳରେ ଏହି ଅସାଧୁ ବେପାରୀମାନେ ସକ୍ରିୟ ରହିଛନ୍ତି।

ସମ୍ବାଦରତ
ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା

କଣ୍ଟାବାଞ୍ଜି ବିକାଶ ପରିଷଦ ତରଫରୁ ତୁରକେଲା ବ୍ଲକ ଘେରାଉ

କଣ୍ଟାବାଞ୍ଜି,(ନିପ୍ର): କଣ୍ଟାବାଞ୍ଜି ବିକାଶ ପରିଷଦ ତରଫରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧା, ବିଧବା ମହିଳା, ଭିନ୍ନକ୍ଷମ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି ଦାବି କରି କଣ୍ଟାବାଞ୍ଜି ବିକାଶ ପରିଷଦ ଅଧକ୍ଷ ଅଜୟ ଦାସଙ୍କ ନେତୃତ୍ୱରେ ଶତାଧିକ ଲୋକ ତୁରକେଲା ବ୍ଲକ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦେଶ୍ୟରେ ବିଡ଼ିଓ ଶଙ୍କର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରାପ୍ତ ସୂଚନା ମୁତାବକ ବିଜେପି ସରକାର ନିର୍ବାଚନ ପୂର୍ବରୁ ରାଜ୍ୟର ବୃଦ୍ଧାବୃଦ୍ଧି, ବିଧବା ମହିଳା, ବିକଳାଙ୍ଗ ଭତ୍ତା ୧ ହଜାର ଟଙ୍କାରୁ ୩ ହଜାର ଟଙ୍କା ଦେବାପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇ ଶାସନ କ୍ଷମତାକୁ ଆସିଥିଲେ। ମୋହନ ମାଝୀଙ୍କ ସରକାର କେବଳ ସମସ୍ତଙ୍କୁ ୩ ହଜାର ଟଙ୍କା ଭତ୍ତା ବୃଦ୍ଧି ନକରି ବଜେଟ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧାଙ୍କୁ ୩୫୦୦ ଟଙ୍କା ଭତ୍ତା ବୃଦ୍ଧି କରି ଅର୍ଥ ବ୍ୟୟ ବରାଦ କଲେ, କିନ୍ତୁ ରାଜ୍ୟର ସମସ୍ତ ବୃଦ୍ଧା ବୃଦ୍ଧୀଙ୍କୁ ୩ ହଜାର ଟଙ୍କା ଦେବା ପାଇଁ ଦାବି କରଛନ୍ତି କଣ୍ଟାବାଞ୍ଜି ବିକାଶ ପରିଷଦ। ଏହି ଘେରାଉରେ ଅନ୍ୟ ମାନଙ୍କ ମଧ୍ୟରେ ବିକାଶ ପରିଷଦ ସଦସ୍ୟ ଅଶୋକ କୁଅଁର, ଲକ୍ଷ୍ମଣ ପୁଟେଲ ଅଜିତ ବେନିଆ, ବନବାସ ସୁନା, ପବିତ୍ର ହଂସ ପ୍ରମୁଖ ସାମିଲ ହୋଇଥିଲେ।

ଯୁବକକୁ ମରଣାନ୍ତକ ଆକ୍ରମଣ ଘଟଣାରେ ୪ ଅଭିଯୁକ୍ତ କୋର୍ଟଚାଲାଣ

ଗୋପାଳପୁର,(ନିପ୍ର): ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଠାରେ ଜଣେ ଯୁବକକୁ ସଂଘବଦ୍ଧ ଭାବରେ ଠେଙ୍ଗା ଓ କାତି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ୪ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ରଙ୍ଗିପୁର ଗ୍ରାମର ଜଟିଆ ନାହକ, ଶିଶିର ନାହକ, ରୁପେଶ ନାହକ ଓ ଲକ୍ଷ୍ମୀ ନାହକ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ ରଙ୍ଗିପୁର ଗ୍ରାମର ସୁଶାନ୍ତ ନାହକ ଗତ ୧୧ ତାରିଖରେ ନିଜ ଫାର୍ମ ହାଉସରୁ ଘରକୁ ଫେରୁଥିଲେ। ଏହି ସମୟରେ ଉପରୋକ୍ତ ୪ ଯୁବକ ତାଙ୍କୁ ଏକ ଇଟା ଫ୍ୟାକ୍ଟ୍ରି ଛକ ଠାରେ ଅଟକାଇ ଡେଙ୍ଗା ଓ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସୁଶାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଘଟଣା ନେଇ ଶୁଶାନ୍ତଙ୍କ ସ୍ତ୍ରୀ ସନ୍ତୋଷିନୀ ନାହକଙ୍କ ପକ୍ଷରୁ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ୪୦୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ଅଭିଯୁକ୍ତ ମାନେ ସେଠାରୁ ଫେରାର ହେବା ସହ ଖାରିଆଗୁଡା ଜଙ୍ଗଲରେ ଛପି ରହିଥିଲେ। ଖବରପାଇ ପୁଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ଗୋଳନ୍ଥରା ଥାନାରେ ମାମଲା ରହିଛି।

ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ

କଣ୍ଟାବାଞ୍ଜି,(ନିପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ତୁରେକେଲା ବ୍ଲକର ସରକାରୀ ଉଚ୍ଚ ବଦ୍ୟାଳୟ ଠାରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ଲିଖନ ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଆରସିସି ଫକୀର ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଜଳନ୍ଧର ମହାକୁଡ ମୁଖ୍ୟ ଅତିଥି, ବରଞ୍ଚ ନାରାୟଣ ଦାଶ ମୁଖ୍ୟବକ୍ତା, ସମିତି ସଭ୍ୟ ପ୍ରମୋଦ କୁମାର ମହାପାତ୍ର, ଶଙ୍କର ନାଗ, ଅଞ୍ଜଳି ମାଝୀ, ଦିବାନୀ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।ଯେଉଁ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ।

୨୫ତମ ସୈରେନ୍ଦ୍ରୀ ନାୟକ ଟ୍ରଫି ୨୦୨୪, ବୁର୍ଲା ଓ ବିକାଶ ସ୍କୁଲ ବିଜୟୀ

ସମ୍ବଲପୁର,(ନିପ୍ର): ଜିଲା ବର୍ଷିୟାନ କ୍ରିଡା ସଂଘ ସମ୍ବଲପୁର ଆନୁକୂଲ୍ୟରେ ସ୍ଥାନୀୟ ସିଂହପାଲି – କାଇଁଶିର କ୍ରିଡା ପ୍ରାଙ୍ଗଣରେ ୨୫ତମ ସୈରେନ୍ଦ୍ରୀ ନାୟକ ଟ୍ରଫି – ୨୦୨୪ ଆନ୍ତଃ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତାରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ବୁର୍ଲା ହାଇସ୍କୁଲ ଓ କାଇଁଶୀର ହାଇସ୍କୁଲ ମଧ୍ୟରେ ହୋଇଥିଲା। ବୁର୍ଲା ସ୍କୁଲ ଦଳ ୩ – ୦ ଗୋଲରେ କାଇଁଶୀର ସ୍କୁଲ ଦଳକୁ ହରାଇ କ୍ୱାଟର ଫାଇନାଲ ଖେଳିବାକୁ ଉତ୍ତୀର୍ଣ୍ଣ ହୋଇଛି। ସେହିଭଳି ଦ୍ୱିତୀୟ ମ୍ୟାଚ ବିକାଶ କନସେପ୍ଟ ସ୍କୁଲ ଓ ଧନକଉଡା ସରକାରୀ ହାଇସ୍କୁଲ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ବିକାଶ ସ୍କୁଲ ଦଳ ୪ – ୧ ଗୋଲରେ ଧନକଉଡା ସ୍କୁଲ ଦଳକୁ ହରାଇ କ୍ୱାଟର ଫାଇନାଲ ଖେଳିବାକୁ ବିଜୟୀ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ରାମଚନ୍ଦ୍ର କର ଓ ସୋମେନ ଘୋଷ ଯୋଗ ଦେଇଥିଲେ। ଖେଳକୁ ରେଫରୀ ରୂପେ ମଥୁରା ଓରାମ, ମନୋଜ ଭୋଇ, ଜଳେନ୍ଦ୍ର ଓରାମ, ଜଗେନ୍ଦ୍ର ଓରାମ ଓ ଶାନ୍ତା ରନବିଡା ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟ ପରିଚାଳନା ଓ ଆୟୋଜନରେ ସହଯୋଗ କରୁଛନ୍ତି। ଶନିବାର ଏହି ପ୍ରତିଯୋଗିତାରେ ୨ଟି ମ୍ୟାଚ ଇଣ୍ଡିଆନ ପବ୍ଲିକ ସ୍କୁଲ ଓ ସେଭେନ ହିଲ୍ସ ସ୍କୁଲ ଏବଂ ସେନ୍ଟ ଜୋସେଫ କନଭେଣ୍ଟ ସ୍କୁଲ ଓ ସିଏସବି ଜିଲା ସ୍କୁଲ ଦଳ ମଧ୍ୟରେ ଆୟୋଜିତ ହେବ।

୧୮ ବର୍ଷ ହେଲା ଦରମା ନାହିଁ, ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ

ଲାଞ୍ଜିଗଡ଼,(ନିପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଡ଼ମ୍ବିଶି ପଡ଼ାରେ ରହୁଥିବା ସ୍ୱର୍ଗତ ଦାଶରଥି ଦଳେଇଙ୍କ ପୁଅ ପିତାମ ଦଳେଇ (୪୫)। ବାପାଙ୍କ ଦେହାନ୍ତ ହୋଇ ଆଜିକୁ ୧୮ ବର୍ଷ ହେଲା ତାଙ୍କ ବେତନ ମିଳୁନାହିଁ। ଏନେଇ ବର୍ଷ ବର୍ଷ ଧରି ପଞ୍ଚାୟତ, ବ୍ଲକରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଆଜି ହେବ କାଲି ହେବ କହି ସମୟ ଦେଇ ଚାଲିଥିବା ସେ ପ୍ରକାଶ କରିଛନ୍ତି। ଶେଷରେ ନିରାସ ହୋଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ ଅଭିଯୋଗ ଅନୁସାରେ ଲାଞ୍ଜିଗଡ଼ର ପିତାମଙ୍କ ବାପା ସ୍ୱର୍ଗତ ଦାଶରଥି ଦଳେଇ ଲାଞ୍ଜିଗଡ଼ ପଞ୍ଚାୟତ ଅଫିସରେ ପିଅନ୍ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ୨୦୦୬ ମସିହା ଜାନୁଆରୀ ୨ ତାରିଖରେ ଦାଶରଥିଙ୍କର ମୃତ୍ୟୁ ହୋଇଥିଲା। ବାପା ଦାଶରଥିଙ୍କ ମୃତ୍ୟୁ ପରେ ପିତାମଙ୍କୁ ପଞ୍ଚାୟତରେ ପିଅନ କାମ କରିବା ପାଇଁ କୁହାଯାଇଥିଲା। ସେହି

ସମୟରେ ଲାଞ୍ଜିଗଡ଼ ତତ୍କାଳୀନ ସରପଞ୍ଚ ବନମାଳୀ ମାଝୀ, ନାଏବ ସରପଞ୍ଚ ଗୋଲାପି ନାଏକ ଓ ସମସ୍ତ ୱାଡ଼ ସଭ୍ୟ ସଭ୍ୟାଙ୍କୁ ନେଇ ୨୦୦୬ ମସିହା ଜାନୁଆରୀ ୧୫ ତାରିଖରେ ଏକ ରେଜୁଲେସନ୍ କରି ବ୍ଲକ ଜିପିଓଙ୍କୁ ଅବଗତ କରାଇବା ପରେ ପିତାମକୁ ଲାଞ୍ଜିଗଡ଼ ପଞ୍ଚାୟତ ପିଅନ ଭାବେ ରଖା ଯାଇଥିଲା। ସେହି ଦିନଠାରୁ ପିତାମ ଲାଞ୍ଜିଗଡ଼ ପଞ୍ଚାୟତରେ ସୁଚାରୁ ରୂପ କାର୍ଯ୍ୟ ତୁଲାଇ ଆସୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। କିନ୍ତୁ ଆଜିକୁ ୧୮ ବର୍ଷ ହେଲା ପିତାମଙ୍କ ଅନୁମୋଦନ ହୋଇ ପାରୁନାହିଁ କିମ୍ବା ପାରିଶ୍ରମିକ ଭାବେ ପଇସା ପତ୍ର ଦିଆ ଯାଉନଥିବା ଜିଲ୍ଲାପାଳଙ୍କ ନିକଟରେ ନେହୁରା ହୋଇ ପିତାମ ଲିଖିତ ଅଭିଯୋଗ କରିଛନ୍ତି। ଏପଟେ ପିତାମଙ୍କ ମା ଜମ୍ବୁବତୀ ଦଳେଇ (୬୪), ସ୍ତ୍ରୀ ତୁଳସୀ ଦଳେଇ, ବଡ଼ପୁଅ ଆଦିତ୍ୟ ଦଳେଇ (୯) ଓ ସାନପୁଅ ମାନସ ଦଳେଇ (୬) ବହୁ କଷ୍ଟରେ ଜୀବନଯାପନ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ପିତାମଙ୍କୁ ସମସ୍ତ କାଗଜପତ୍ର ମାଗି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେରଙ୍କୁ ଦେବା ପରେ ସେ ଜିଲ୍ଲା ପଞ୍ଚାୟତ ଅଫିସରଙ୍କୁ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ୧୮ ବର୍ଷ ହେଲା, ଯାହା ବି ନିଷ୍ପତ୍ତି କରିବେ ଜିଲ୍ଲାସ୍ତରରେ ହିଁ କରି ପାରିବେ ବୋଲି ପ୍ରକାଶ କରିଥିଲେ।

କରଡ଼ା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ରାଇକିଆ/ଫୁଲବାଣୀ,(ନିପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ଗ୍ରାମରେ ମଙ୍ଗଳବାର ହୋଇଥିବା ଔଷଧ ବ୍ୟବସାୟ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଆଦିତ୍ୟ ସାମନ୍ତଙ୍କୁ ଗିରଫ କରିଛି ରାଇକିଆ ପୋଲିସ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଅନ୍ୟ ଜଣଙ୍କର ସହାୟତାରେ ବ୍ରହ୍ମପୁର ପଳାଇଥିଲା। ସେଠାରୁ ରାଇକିଆ ଥାନା ଅଧିକାରୀ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତକ ଅନିକ୍ ପଟ୍ଟନାୟକଙ୍କ ପଡୋଶୀ ଅଭିଯୁକ୍ତ ଆଦିତ୍ୟ ସାମନ୍ତ ସହ ଦୀର୍ଘ ଦିନ ହେଲା ତିକ୍ତତା ଲାଗି ରହିଥିଲା। ହତ୍ୟାକାଣ୍ଡ ଘଟିବାର ଦୁଇଦିନ ପୂର୍ବରୁ ପୁଣି ଥରେ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଆଦିତ୍ୟ ଅନୀକକୁ ଆକ୍ରମଣ ପାଇଁ ଯୋଜନା କରିଥିଲା। ନିଜର ସହଯୋଗୀ ସହ ମିଶି ଯୋଜନାବଦ୍ଧ ଭାବେ ଆନିକର ଘର ନିକଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆଦିତ୍ୟ ଏକ ଲାଠି ସାହାଯ୍ୟରେ ଅନୀକର ମୁଣ୍ଡ ପଛପଟକୁ ଶକ୍ତ ଆଘାତ ଦେବା ଫଳରେ ଘଟଣା ସ୍ଥଳରେ ଅନିକର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡରେ ଜଡିତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

କ୍ଷୟକ୍ଷତିର ଆକଳନକୁ ନେଇ ତତ୍ପର ପ୍ରଶାସନ

ବାସୁଦେବପୁର,(ନିପ୍ର) : ବାତ୍ୟା ଦାନା ଲ୍ୟାଣ୍ଡଫଲ ପରେ ପ୍ରଶାସନ ତତ୍ପରତା ସହକାରେ କ୍ଷୟକ୍ଷତିର ଆକଳନ କରିବାରେ ଲାଗିପଡିଛି । ବାତ୍ୟାକୁ ମୁକାବିଲା କରିବାରେ ସଫଳ ହୋଇଛି ପ୍ରଶାସନ । ଏଯାବତ ଧନଜୀବନହାନୀର ସୂଚନା ମିଳିନଥିବା ବେଳେ ଲ୍ୟାଣ୍ଡଫଲ ସମୟର ତାଣ୍ଡବରେ ରାସ୍ତା ଓ ଘର ଉପରେ ପଡିଥିବା ବିଶାଳାୟ ବୃକ୍ଷଗୁଡିକ କାଟି ସଫା କରିବାରେ ଏନଡିଆରଏଫ ଟିମ ଲାଗିପଡିଛନ୍ତି । ଯେଉଁ ଘରଗୁଡିକ ବାତ୍ୟା ଯୋଗୁଁ ପ୍ରଭାବିତ ହୋଇଛି, ଖବର ମିଳିଲେ ତହସିଲ ପ୍ରଶାସନ ପକ୍ଷରୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯିବ ବୋଲି ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି

ସୋନପୁର,(ନିପ୍ର): ବହୁ ପ୍ରତୀକ୍ଷିତ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବୀ ହେଉଛି। ଗତ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସି ମାଧ୍ୟମରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ। ରାଜ୍ୟ ତଥା ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ବସଷ୍ଟାଣ୍ଡ ନିର୍ମାଣ ହୋଇ ଯାତ୍ରୀମାନଙ୍କ ବ୍ୟବହାର ହେଲାଣି । କିନ୍ତୁ ଦ୍ୱିତୀୟ ବାରାଣାସୀ କୁହାଯାଉ ଥିବାର ସୋନପୁର ସହରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରମ୍ଭ ହୋଇ ପାରୁ ନାହିଁ। ଏହାର ବିଳମ୍ବିତ ନେଇ ଜନ ଅସନ୍ତୋଷ ପ୍ରକାଶ ପାଉଛି। ଖରା ଓ ବର୍ଷା ଦିନରେ ଖୋଲା ଆକାଶରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ । ଶୈବ, ଶାକ୍ତ, ବିଷ୍ଣୁ ସହ ମହିମା ଧର୍ମ ମହା ମିଳନସ୍ଥଳୀ ସୁବର୍ଣ୍ଣପୁର ଜିଲ୍ଲାଙ୍କୁ ବହୁ ପର୍ଯ୍ୟଟକ ସହ ଯାତ୍ରୀ ଆସୁଛନ୍ତି। ଜିଲ୍ଲା ସଦର ମହକୁମାର ପୁରୁଣା ବସଷ୍ଟାଣ୍ଡ ଦୁଃରାବସ୍ଥା ଦେଖି କ୍ଷୋଭ ପ୍ରକାଶ କରୁଛନ୍ତି। ଅନ୍ୟ ପକ୍ଷରେ ସୋନପୁର ସହର କେନ୍ଦ୍ର ସ୍ଥଳୀରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଏହି ସହରର ସମସ୍ତ ଅଞ୍ଚଳର ଓ ଲୋକେ ଉପକୃତ ହେବେ।ଏହି ଅତ୍ୟାଧୁନିକ ନୂତନ ବସଷ୍ଟାଣ୍ଡ ନେଇ ସହର ବାସୀ ଉତ୍ସାହିତ ଓ ଆଶାବାଦୀ ଅଛନ୍ତି। ଏହି ନୂତନ ବସଷ୍ଟାଣ୍ଡ ପାଇଁ ୩.୩୪ ଏକର ଜମି ଓଡ଼ିଶା ରାଜ୍ୟ ସଡ଼କ ପରିବହନଙ୍କୁ ହସ୍ତାନ୍ତରିତ କରାଯାଇଛି। ତେବେ ନୂତନ ବସଷ୍ଟାଣ୍ଡରେ ଟାଉନ ହଲ,ଭୀମ ଭୋଇ କଳା ମଣ୍ଡଳ, ବିଶ୍ରାମ ଗାର ଉଚ୍ଛେଦ ହୋଇଛି। ନୂତନ ବସଷ୍ଟାଣ୍ଡ ନେଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି।

ବାଲ୍ୟ ବିବାହ ରୋକିବା ପ୍ରସଙ୍ଗରେ ବୈଠକ

ସମ୍ବଲପୁର,(ନିପ୍ର): ସମ୍ବଲପୁରର ଧନୁପାଲି ସ୍ଥିତ ଆଦର୍ଶ ଅନୁଷ୍ଠାନର କାର୍ଯ୍ୟାଳୟ ଠାରେ ବାଲ୍ୟ ବିବାହ ରୋକିବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ଶତୃଜିତ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ, ବରିଷ୍ଠ ଆଇନଜୀବୀ ବ୍ରଜେନ୍ଦ୍ର ପଣ୍ଡା, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶ ଓ ଅନ୍ୟ ମାନେ ବୈଠକରେ ଉପସ୍ଥିତ ରହିଥିଲେ। ଆଦର୍ଶ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ବେହେରା ବୈଠକକୁ ପରିଚାଳନା କରିଥିଲେ। ଏଥିରେ ଆଦର୍ଶ ଅନୁଷ୍ଠାନର ଜିଲା ସଂଯୋଜକ, ସମ୍ବଲପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ରୋକିବା ପାଇଁ କାର୍ଯ୍ୟରତ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ନିକଟ ଅତୀତରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଦେଶରେ ବାଲ୍ୟ ବିବାହ ରୋକିବା ଦିଗରେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟ ଉପରେ ବିସ୍ତୃତ ଆଲୋଚନା

କରାଯାଇଥିଲା। ବାଲ୍ୟ ବିବାହକୁ ରୋକିବାକୁ ଥିଭା ବିଭିନ୍ନ ଆଇନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇ ବାଲ୍ୟ ବିବାହକୁ କିଭଳି ଭାବରେ ପ୍ରଭାବୀ ଢ଼ଙ୍ଗରେ ରୋକାଯାଇ ପାରିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଓ ଝାରସୁଗୁଡା ଜିଲାରେ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ ଫାଉଣ୍ଡେସନର ସହଯୋଗରେ ବାଲ୍ୟ ବିବାହକୁ ରୋକିବାକୁ ଆଦର୍ଶ ଅନୁଷ୍ଠାନ ପକ୍ଷରୁ ବିଗତ କିଛି ବର୍ଷ ହେବ ସ୍ୱତନ୍ତ୍ର ଅଭିଯାନ କରାଯାଇ ନିରନ୍ତର କାର୍ଯ୍ୟକ୍ରମ କରାଯାଇ ଜନ ସଚେତନତା କରାଯାଉଛି।

ବେଆଇନ ବାଣ ଉପରେ ଚଢ଼ାଉ, ୨ ଗିରଫ

ସମ୍ବଲପୁର,(ନିପ୍ର): ସ୍ଥାନୀୟ ବରେଇପାଲି ଥାନାଞ୍ଚଳରେ ବେଆଇନ ଭାବରେ ବାଣ ବିକ୍ରି କରିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି। ପୁଲିସର ସୂଚନାନୁଯାୟୀ, ବେଆଇନ ବାଣ ବିକ୍ରି ସୂଚନା ମିଳିବା ପରେ ବରେଇପାଲି ଡେଙ୍ଗସର୍ଗି ରାସ୍ତା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବିଭିନ୍ନ ପ୍ରକାରର ବାଣ ଗୁଡିକ ଜବତ କରାଯାଇଥିଲା। ଏଣୁ ବରେଇପାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ବାଣ ରଖିଥିବା ପି.ସି. ସାହୁ ଏ ସମ୍ପର୍କିତ କୌଣସି କାଗଜପତ୍ର ଦେଖା ନ ପାରିବାରୁ ଗିରଫ କରାଯିବା ପରେ ନୋଟିସ ଦିଆଯାଇ ଛାଡି ଦିଆଯାଇଛି। ଜବତ ହୋଇଥିବା ବାଣ ଗୁଡିକର



ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ

ଇରାନକୁ ବଡ଼ଧମକ ଦେଲା ଇସ୍ରାଏଲ

ନୂଆଦିଲ୍ଲୀ,୨।୧୧ : ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ବିବାଦ ପୁଣି ତୀବ୍ର ହୋଇଛି । ଇରାନକୁ ଖୋଲା ଧମକ ଦେଇଛନ୍ତି ଇସ୍ରାଏଲ ଡିଫେନ୍ସ ଫୋର୍ସ(ଆଇଡିଏଫ)ର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ହେରଜି ହାଲେଭି । ଯଦି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ପୁଣି ଆକ୍ରମଣ କରାଯାଏ କିମ୍ବା ତେହରାଜ ନାଲି ଆଖି ଦେଖାଇବ, ତା'ହେଲେ ଏହାର ଜବାବ ପୂର୍ବ ତୁଳନାରେ ଆହୁରି ଭୟଙ୍କର ହେବ ବୋଲି ସେ କହିଛନ୍ତି । ଇରାନରରେ ମିସାଇଲ ମାଡ଼ ପରେ ଇସ୍ରାଏଲର ଦକ୍ଷିଣ ପ୍ରାନ୍ତରେ ଥିବା ରମଣ ଏୟାର ବେସରେ ହାଲେଭି କହିଛନ୍ତି, ଯଦି ଇରାନ ଭୁଲ କରିବ ଓ ଇସ୍ରାଏଲ ଉପରେ ପୁଣି ମିସାଇଲ ମାଡ଼ କରିବ, ତା'ହେଲେ ପରିଣାମ ଭୟଙ୍କର ହେବ । ଇରାନରେ କେମିତି ପହଞ୍ଚିବାକୁ ହୁଏ, ସେକଥା ମଧ୍ୟ ଆମେ ପୁଣି ଶିଖାଇ ଦେବୁ।ଯକିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗତଥର ଜାଣିଶୁଣି ଟାର୍ଗେଟ କରାଯାଇ ନଥିଲା । ହେଲେ ପୁଣି ଉତ୍ତେଜନା

ସୃଷ୍ଟି କଲେ ଆମେ ଆହୁରି ଜୋରଦାର ଜବାବ ଦେବୁ । ଏଥର ଆମେ ବ୍ୟବହାର କରି ନଥିବା କ୍ଷମତାକୁ ପ୍ରୟୋଗ କରି ଇରାନରେ ପହଞ୍ଚିବୁ । ଆମେ ଷ୍ଟ୍ରାଇକ ବେଳେ ଛାଡ଼ି ଦେଇଥିବା ସ୍ଥାନଗୁଡ଼ିକ ଉପରେ ପୂରା କ୍ଷମତାର ସହ ହିଟ୍ କରିବୁ । ଆମେ କିଛି ବି କାମକୁ ଶେଷ କରି ନାହୁଁ । ଆମେ ବର୍ତ୍ତମାନ ସବୁ କାମର ମଝିରେ ରହିଛୁ । ତେଣୁ ଜବାବ ଦେବା ପୂର୍ବରୁ ଇରାନ ସବୁ କିଛି ଚିନ୍ତା କରୁ । ଅକ୍ଟୋବର ୧ରେ ଇରାନ ସେନା ଇସ୍ରାଏଲ ଉପରେ ପ୍ରାୟ ୧୮୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଏହା ପରେ ଇସ୍ରାଏଲ ପକ୍ଷରୁ କୁହାଯାଇଥିଲା ଯେ ଇରାନକୁ ଏହି ଆକ୍ରମଣର ମୂଲ୍ୟ ଦେବାକୁ ପଡ଼ିବ । ଉକ୍ତ ଆକ୍ରମଣର ପ୍ରତିଶୋଧ ନେବାକୁ ଇସ୍ରାଏଲ ଅକ୍ଟୋବର ୨୬ରେ ଇରାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ।ସ୍ଥାନୀୟ ସମୟ ରାତି ପ୍ରାୟ ୨.୩୦ରେ ତେହରାନ, ଇଲାମ, ଖୁଜେସ୍ତାନରେ ଥିବା ସାମରିକ ସାଇଟ ଉପରେ ବୋମା ମାଡ଼ ହୋଇଥିଲା । ଏହାର ଜବାବ ଦେବାକୁ ଇରାନ ଚିନ୍ତା କରୁଥିବା ବେଳେ ଏବେ ଇସ୍ରାଏଲ ଆଗୁଆ ତେହରାନକୁ ଚେତାବନୀ ଦେଇଛି ।

ଆୟୁଷ୍ମାନ ଭାରତ ବନ୍ଦ କରି ଦିଲ୍ଲୀ ମଡେଲ ଲାଗୁ କରନ୍ତୁ : କେଜ୍ରିୱାଲ

ନୂଆଦିଲ୍ଲୀ,୨।୧୧ (ଏଜେନ୍ସି): ତେଜୁଛି ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ରାଜନୀତି । କେନ୍ଦ୍ର ସରକାରଙ୍କ ଏହି ଯୋଜନା ଦିଲ୍ଲୀରେ କାର୍ଯ୍ୟକାରୀ ନହେବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମାଲୋଚନା ପରେ ତୁରନ୍ତ କାଉଣ୍ଟର ଆଟାକ୍ କରିଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନକରିବାରୁ ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀ ଏବଂ ବେଙ୍ଗଲ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ଏହାପରେ କେଜ୍ରିୱାଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ରାଜନୀତିକରଣ କରିବା ଉଚିତ ନୁହେଁ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ନିଜ 'ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି ଯେ, ଲୋକଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ରାଜନୀତି କରିବା ଉଚିତ ନୁହେଁ । କେଜ୍ରିୱାଲ ଲେଖିଛନ୍ତି ଯେ, ଦିଲ୍ଲୀ ସରକାରଙ୍କ ଯୋଜନା ଅନୁଯାୟୀ ଦିଲ୍ଲୀରେ ରହୁଥିବା ପ୍ରତ୍ୟେକ ନାଗରିକ ମାଗଣାରେ ଚିକିତ୍ସିତ ହେଉଛନ୍ତି । ଯେତେ ଖର୍ଚ୍ଚ ହେଉନା କାହିଁକି, ସମଗ୍ର ଖର୍ଚ୍ଚ ଦିଲ୍ଲୀ ସରକାର ବହନ କରୁଛନ୍ତି । ପାଞ୍ଚ ଟଙ୍କାର ବଟିକା ହେଉ କିମ୍ବା କୋଟିଏ ଟଙ୍କା ମୂଲ୍ୟର ଚିକିତ୍ସା, ଦିଲ୍ଲୀ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଉଛନ୍ତି । ଯଦି ଆପଣ କହିବେ, ମୁଁ ଆପଣଙ୍କୁ ଲକ୍ଷ ଲକ୍ଷ ଲୋକଙ୍କ ତାଲିକା ପଠାଇବି, ଯେଉଁମାନେ ଏହାର ଫାଇଦା ପାଉଛନ୍ତି । ଏହାପରେ ନିଜ 'ଏକ୍ସ' ପୋଷ୍ଟରେ କେଜ୍ରିୱାଲ ପ୍ରଶ୍ନ ଉଠାଇ ଲେଖିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ଲୋକମାନେ ଉପକୃତ ହୋଇଛନ୍ତି କି ? ଏହି ଯୋଜନାରେ ଅନେକ ଅନିୟମିତତା ହୋଇଥିବା ଉଇଏକୁ ତଥ୍ୟ ମିଳିଛି । ଆଜି ପର୍ଯ୍ୟନ୍ତ ଯେଉଁ ସବୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହୋଇଛି, ସେ ସବୁ ରାଜ୍ୟରେ ମୁଁ ଜଣେ ବି ଏପରି ବ୍ୟକ୍ତିଙ୍କୁ ଭେଟି ନାହିଁ, ଯିଏ ଏହି ଯୋଜନାରେ ଅଧୀନରେ ଚିକିତ୍ସିତ ହୋଇଛନ୍ତି । କେଜ୍ରିୱାଲ ଆହୁରି ଲେଖିଛନ୍ତି – 'ମୁଁ ଆପଣଙ୍କୁ ଅନୁରୋଧ କରୁଛି, ଆପଣ ଦିଲ୍ଲୀ ମଡେଲ ଅଧ୍ୟୟନ କରନ୍ତୁ ଏବଂ ଆୟୁଷ୍ମାନ ଭାରତ ଯୋଜନା ବଦଳରେ ସମଗ୍ର ଦେଶରେ ଦିଲ୍ଲୀ ମଡେଲକୁ କାର୍ଯ୍ୟକାରୀ କରନ୍ତୁ । ଯାହାଦ୍ୱାରା ଲୋକମାନେ ତୃଣମୂଳ ସ୍ତରରୁ ଉପକୃତ ହୋଇପାରିବେ । ପ୍ରକାଶ ଥାଉ, ପ୍ରଧାନମନ୍ତ୍ରୀ ମୋଦି ଧନତେରସ୍ ଉପଲକ୍ଷେ ଆୟୁଷ୍ମାନ ଭାରତର ପରିଧିକୁ ବିସ୍ତାର କରିଛନ୍ତି । ଏଣିକି ୭୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ପୂରା ଦେଶରେ ମାଗଣା ଚିକିତ୍ସା ମିଳିବ । ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଏପରି ସେବା ବରିଷ୍ଠ ନାଗରିକଙ୍କୁ ଯୋଗାଇ ଦିଆଯିବ । ତେବେ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯାଇନାହିଁ । ଯାହାକୁ ନେଇ ମୋଦି ବେଙ୍ଗଲ ଓ ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରିଥିଲେ । ଏହାପରେ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିକ୍ରିୟା ଆସିଛି ।

ନୂଆପଡାରେ ଜିଲ୍ଲା ରାଜସ୍ୱ ସଂଗ୍ରହ ବୈଠକ

ନୂଆପଡ଼ା,(ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ଆଲୋକ ଅନୁଗୁଳିଆ, ରାଜସ୍ୱ ଅଧିକାରୀ ଡ଼ଃ ସବ୍ୟସାଚୀ ସାହୁ, ସମସ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ, ଆର୍‌ଟିଓ, ସମସ୍ତ ଏନ୍‌ଏସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ ଦେଇଥିଲେ । ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେଯେ ସମସ୍ତ ଅଧିକାରୀ ମାନେ ସମସ୍ତ ପ୍ରଚେଷ୍ଟା କରି ବିଭିନ୍ନ ବିଭାଗ ଉଷ୍ଟରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ । ଜିଲ୍ଲାର ସମସ୍ତ ଖଣି ଖାଦାନ ବାଲି ମୋରମ୍ ପଥର ରୁ ନିୟମିତ ରାଜସ୍ୱ ସଂଗ୍ରହ ହେଉ । ଅବକାରୀ, ପରିବହନ ବିଭାଗ, ମଧ୍ୟ ସେମାନଙ୍କ ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ ପୂରଣ କରନ୍ତୁ । ଯନ୍ତ୍ରୀ ମାନେ ଠିକାଦାର ମାନଙ୍କ ଠାରୁ ସଠିକ୍ ରାଜସ୍ୱ ଆଦାୟ କରିବେ । ଜିଲ୍ଲା ମଙ୍ଗଳ ଅଧିକାରୀ ଆଦିବାସୀ ମାନଙ୍କୁ ଶୀଘ୍ର ଜଙ୍ଗଲ ଜମି ରେ

ଘରଡିହ ପଟ୍ଟା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ । ସମସ୍ତ ଅଧିକାରୀ ମୁକ୍ତ ହସ୍ତରେ ରେଡକ୍ରସ୍ ପାଣ୍ଠି ପାଇଁ ଦାନ କରିବା ସହିତ ଏହାର ବୃଦ୍ଧିରେ ସହାୟକ ହୁଅନ୍ତୁ । ସମସ୍ତ ଅଧିକାରୀ ସମ୍ମିଳିତ ଉଦ୍ୟମରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ପାଇଁ ପଦକ୍ଷେପ ନେବେ । ଅତିରିକ୍ତ ଜିଲ୍ଲାପାଳ ଶବର କହିଲେଯେ ଧାର୍ଯ୍ୟ ରାଜସ୍ୱ ସଂଗ୍ରହ ଦ୍ୱାରା ଜିଲ୍ଲାର ସମ୍ବଳ ବୃଦ୍ଧି ହେଲେ ବିକାଶର ହାର ବଢ଼ିବ । ଏଥିପ୍ରତି ସମସ୍ତ ଅଧିକାରୀ ଧ୍ୟାନ ଦେବେ । ବିଗତ ତ୍ରୈମାସିକ ସମୀକ୍ଷାରେ ନୂଆପଡ଼ା ତହସିଲଦାର ପୁଷ୍ପାଞ୍ଜଳୀ ଦଣ୍ଡପାଟ ବିଭିନ୍ନ କ୍ଷେତ୍ରରେ ସର୍ବୋତ୍ତମ ସଫଳତା ପ୍ରଦର୍ଶନ କରିଥିବାରୁ ତାଙ୍କୁ ପ୍ରୋତ୍ସାହନ ମୂଳକ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଅଧିକାରି ସଚେତନ ରହିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ବିପଦକୁ ଡାକୁଛି ରାସ୍ତା ପାର୍ଶ୍ୱର ଅନାବନା ଗଛ

କୋକସରା,(ନି.ପ୍ର): କୋକସରା ବ୍ଲକ ରେଙ୍ଗାଲପାଲି ଭାୟା ଝରିଆଗୁଡା ଠାରୁ ଚିତାମୁଣ୍ଡା କୁ ସଂଯୋଗ କରୁଥିବା ପ୍ରଧାନ ମନ୍ତ୍ରୀ ସଡ଼କର ଉଭୟ ପାର୍ଶ୍ୱରେ ଦିର୍ଘ ଦିନରୁ ଅନାବନା ଗଛ ଭରି ରହିଛି । ଯାହା ଫଳରେ ଦୁର୍ଘଟଣା କୁ ଆମନ୍ତ୍ରଣ କରୁଛି । ରାସ୍ତା ଦୁଇ ପାର୍ଶ୍ୱରେ ଏମିତି ଅନାବନା ଗଛ ଗୁଡ଼ିକ ବଢି ଯାଇଛି ଯେ ବିପରୀତ ଦିଗ ରୁ କୌଣସି ଯାନବାହାନ ଆସୁଛି କି ନାହିଁ ତାହା ଜଣାପଡୁନାହିଁ । ତେଣୁ ଟିକିଏ ଅସାବଧାନତା ହେଲେ ପ୍ରତି ମୁହୂର୍ତ୍ତରେ ଦୂର୍ଘଟଣା ହେବା ଆଶଙ୍କା ରହିଛି । ଏହି ରାସ୍ତା ଦେଇ ଡାକ୍ତର ଖାନା, ବ୍ୟାଙ୍କ, ସ୍କୁଲ, କଲେଜ ଓ ଦୋକାନ ବଜାର, ଦୈନେନ୍ଦିନ କାର୍ଯ୍ୟ ପାଇଁ ଅନବରତ ସକାଳୁ ରାତି ପର୍ଯ୍ୟନ୍ତ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ରାସ୍ତା ପାର୍ଶ୍ୱରେ ଏହି ଅନାବନା ଗଛ ପାଇଁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବା ନଜିର ରହିଛି । ଝରିଆଗୁଡାରୁ ଚିତାମୁଣ୍ଡା ଯିବା ବାଟରେ ଅନେକ ବୁଲାଣି ମାନଙ୍କରେ ଅନାବନା ଘାସ ଓ ଗଛ ଲତା ରହିଛି । ପଥିକ ମାନେ ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟି ଅମୂଲ୍ୟ ଜୀବନ ଚାଲିଯିବାର ମଧ୍ୟ ଆଶଙ୍କା ରହିଛି ।ବୁଲାଣି ରେ କୌଣସି ସଂକେତ ସୂଚନା ନ ଥିବାରୁ ଲୋକେ ବୁଲାଣି ବିଷୟରେ ମଧ୍ୟ ଅବଗତ ନ ଥିବାରୁ ବେଳେ ବେଳେ ଦୁର୍ଘଟଣା ଘଟୁଥିବା ଲୋକ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଏନେଇ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ଅବଗତ କରିବାରୁ ସପ୍ତାହ ମଧ୍ୟରେ ଅନାବନା ଗଛ ଲତା ସଫା କରାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନିମନ୍ତେ ପଥୋତ୍ସବ

ଗୁଣପୁର,(ନି.ପ୍ର) : ୨୯ ତାରିଖ ଦିନ ଉପଖଣ୍ଡ ସ୍ତରୀୟ ପଥ ଉତ୍ସବ, ଓ୍ୱାକାଥନ ଓ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୦୧.୦୧.୨୦୨୫ସୁଦ୍ଧା ଯେଉଁ ମାନଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା, ଭୋଟର ତାଲିକାରେ ନାମ ଭୁଲ ଥିଲେ ସଂଶୋଧନ କରିବା, ନାମ ବାଦ କରିବା, ବୁଥ ପରିବର୍ତ୍ତନ କରିବା ଆଦିର ସଚେତନ ନିମନ୍ତେ ଭାରତ ନିର୍ବାଚନ କମିଶନର ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶାଙ୍କ ନିର୍ଦ୍ଦେଶକ୍ରମେ ୨୯ ତାରିଖ ଦିନ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ପଥ ଉତ୍ସବ, ଓ୍ୱାକାଥନ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ ଶୋଭାଯାତ୍ରା ଆରମ୍ଭ ହୋଇ ଟାଉନ ହଲ ଠାରେ ପହଁଚିଥିଲା । ଶୋଭାଯାତ୍ରାରେ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଦିବାସୀ ନୃତ୍ୟ ଦଳ, ପୋଲିସ, ଅଗ୍ନିଶମ ସେବା ସଂସ୍ଥା, ମେଡିକାଲ ଦଳ, ଦକ୍ଷତା ବିକାଶ କେନ୍ଦ୍ରର ଛାତ୍ରୀ, ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ସାମ୍ବାଦିକ, ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମେତ ବହୁ ଜଣ ସାଧାରଣ ଯୋଗ ଦେଇଥିଲେ । ପଥ ଉତ୍ସବ ମାଧ୍ୟମରେ ଭୋଟର ତାଲିକା ସଂଶୋଧନ ଓ ସ୍ୱତନ୍ତ୍ର ସହାୟତା ଦିବସ ବିଷୟରେ



ସଚେତନ କରାଯାଇଥିଲା । ପଥ ଉତ୍ସବ ପରେ ଟାଉନ ହଲ ଠାରେ ଏକ ସଚେତନ ସଭା କରାଯାଇଥିଲା । ଏହି ସଭାରେ ବିଶିଷ୍ଟ କବି, ସାହିତ୍ୟିକ, ଗବେଷକ, ସଂସ୍କୃତି ସଂରକ୍ଷକ ଶ୍ରୀରଙ୍ଗ ନାୟକ ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ମଧୁସୂଦନ ମାଝୀ ଉଦଘାଟକ, ସହକାରୀ ଜିଲ୍ଲାପାଳ ସତ୍ୟଜିତ ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ, ଗୁଣପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତି, ଥୟାରମ୍ଭ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭୋଟର ତାଲିକା ସଂଶୋଧନ, ବାଦ ବିଷୟରେ ନିଜ ବ୍ୟକ୍ତବ ରଖିଥିଲେ ଓ କହିଥିଲେ ଯେ, ଏଇଠୁ ଜାଣିକି ଗଲେ ନିଜ ଗାଁ, ସହର, ପରିବାର ଭିତରେ ଏହି ବିଷୟରେ କହିପାରିବା । ରମାକାନ୍ତ ମିଶ୍ର ସଂଯୋଜନା କରିଥିଲେ । ୨୬.୧୦ତାରିଖ ଦିନ ଅନୁଷ୍ଠିତ ଝୋଟି, ଚିତ୍ରଙ୍କନ ଆଦିର ପୁରସ୍କାର ସହ ୨୯ତାରିଖ ଦିନ ଅନୁଷ୍ଠିତ ଶୋଭାଯାତ୍ରା, ସଂସ୍କୃତିକ କାର୍ଯ୍ୟକ୍ରମର ପୁରସ୍କାର ମୁଖ୍ୟ ଅତିଥିଙ୍କ ଦ୍ୱାରା ବିତରଣ କରଯାଇଥିଲା । ସେବା ସମାଜ (ଶିଶୁ ଯତ୍ନ ଅନୁଷ୍ଠାନ), ଥୟାରମ୍ଭ । ମହିଳା ମହାବିଦ୍ୟାଳୟ ଛାତ୍ରୀ, ବାଲନିକେତନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜିଆଇଟି ଆଦି ଅନୁଷ୍ଠାନର ଛାତ୍ର ଛାତ୍ରୀ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଖରିଫ ଋତୁରେ ଧାନ ସଂଗ୍ରହ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି

ଏଫ୍‌ଏକ୍ୟୁ ଧାନ କୁଇଂଟାଲ୍ ପିଛା ୨୩୦୦ ଓ ରାଜ୍ୟ ସରକାର ଦେବେ ୮୦୦ ଟଙ୍କା

ପୁରୀ, (ନିପ୍ର) : ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଖରିଫ୍ ଋତୁରେ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଭାରପ୍ରାପ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, କୋଅପରେଟିଭ୍ ଉପନିବନ୍ଧକ ଶ୍ରୀମତୀ ସୁନିତା ପତି, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହକାରୀ ନିବନ୍ଧକ, କୋଅପରେଟିଭ୍ ସୋସାଇଟି ସ୍ୱରୂପ କୁମାର କର, ଚାଷୀଙ୍କ ପ୍ରତିନିଧି ଅଶୋକ ପ୍ରଧାନ, ଧରଣୀଧର ସାହୁ, ପ୍ରମୋଦ କୁମାର ସ୍ୱାଇଁ ଓ ମିଲର ପ୍ରତିନିଧି ସୂର୍ଯ୍ୟନାରାୟଣ ସେନାପତି ଓ ଦେବରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡି ପାଇଁ ନୋଡ଼ାଲ ଅଧିକାରୀ ନିଯୁକ୍ତ ହେବେ ଏବଂ ଚାରିରୁ ପାଂଚଟି ମଣ୍ଡି ପାଇଁ ଜଣେ ଜଣେ ସୁପରଭାଇଜିଂ ଅଧିକାରୀ ନିଯୁକ୍ତ ହେବେବୋଲି ନିଷ୍ପତି

ହୋଇଛି । ଏଫ୍‌ଏକ୍ୟୁ ମାନର ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରତି କୁଇଂଟାଲ ରହିଛି । ଏହାଛଡ଼ା ରାଜ୍ୟ ସରକାରଙ୍କ ତରଫରୁ କୁଇଂଟାଲ୍ ପିଛା ୮୦୦ଟଙ୍କା ଇନ୍‌ପୁଟ୍ ସହାୟତା ଦିଆଯିବ । ଏହିପରି ପ୍ରତି କୁଇଂଟାଲ୍ ପିଛା ପ୍ରତି ଚାଷୀଙ୍କୁ ୩୧୦୦ ଟଙ୍କା ଦିଆଯିବ ବୋଲି ନିଷ୍ପତି ହୋଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ଚାଷୀ ସଚେତନତା କରିବା ସହ ଚାରିଗୋଟି ଧାନ ଆନାଲାଇଜର ମେସିନ୍ କ୍ରୟ କରିବାକୁ ଆର୍‌ଏମ୍‌ସିକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା । କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସ୍କାଉଟ ଓ ଗାଇଡ ପକ୍ଷରୁ ଖାଦ୍ୟ ବଣ୍ଟନ

କେନ୍ଦ୍ରାପଡ଼ା,(ନି.ପ୍ର): ବାତ୍ୟା 'ଦାନା' ପ୍ରଭାବରେ ସାରା ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବିଶେଷ କ୍ଷୟକ୍ଷତି ହୋଇଥିଲା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଅଧିନ ବଗପାଟିଆ, ସାତଭାୟା ଅଂଚଳ ସବୁଠୁ ବେଶୀ ପ୍ରଭାବିତ ହୋଇଛି । ସେହି ପ୍ରଭାବିତ ଅଞ୍ଚଳରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହୋଇପଡ଼ିଥିବା ବେଳେ ସ୍କାଉଟ ଗାଇଡ଼ ରାଜ୍ୟ ମୁଖ୍ୟ ଆୟୁକ୍ତ ଡକ୍ଟର କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଭାରତ ସ୍

ରୋମାଞ୍ଚକର ସ୍ଥିତିରେ ମୁମ୍ବାଇ ଟେଷ୍ଟ

ମୁମ୍ବାଇ,୨।୧୧ (ଏଜେନ୍ସି) : ରୋମାଞ୍ଚକର ସ୍ଥିତିରେ ମୁମ୍ବାଇ ଟେଷ୍ଟ । ସମ୍ମାନ ରକ୍ଷା ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ଟିମ ଇଣ୍ଡିଆ ଅପେକ୍ଷାକୃତ ସହଜ ସ୍ଥିତିରେ ରହିଛି । ପ୍ରଥମ ଇନିଂସରେ ୨୮ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ପାଇଥିବା ଭାରତ ଦ୍ୱିତୀୟ ଇନିଂସରେ ନ୍ୟୁଜିଲ୍ୟାଣ୍ଡର ୯ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛି । ୨-୦ରେ ଟେଷ୍ଟ ସିରିଜକୁ କବଜା କରି ସାରିଥିବା ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୧୪୩ ରନର ଲିଡ୍ ହାସଲ କରି ନେଇଛି । ହାତରେ ଆଉ ଗୋଟିଏ ୱିକେଟ ଥିବାରୁ ଦଳ ଯଥାସମ୍ଭବ ଲିଡ୍‌କୁ ୨୦୦ ରନର ନିକଟବର୍ତ୍ତୀ କରିବାକୁ ଚେଷ୍ଟା କରିବ । ମୁମ୍ବାଇର ଟର୍ଣ୍ଣିଂ ଟ୍ରାକରେ ମାତ୍ର ଗୋଟିଏ ଥାର ୧୦୦ରୁ ଅଧିକ ରନ ଚେଜ ହୋଇଥିବାରୁ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି ।

ଆଜି ଦ୍ୱିତୀୟ ଦିନରେ ମୋଟ ୧୫ଟି ୱିକେଟ ଝଡ଼ିଛି । ପ୍ରଥମ ଦିନରେ ୧୪ଟି ୱିକେଟ ଝଡ଼ିଥିଲା । ତେଣୁ ମୁମ୍ବାଇର ୱାଙ୍ଖେଡେ ପିଚ୍ ବୋଲରଙ୍କୁ ସୁହାଇବାରେ ଲାଗିଛି । ଭାରତ ଦ୍ୱିତୀୟ ଦିନରେ ତା'ର ପ୍ରଥମ ଇନିଂସରେ ୬ଟି ୱିକେଟ ହରାଇଥିବା ବେଳେ ନ୍ୟୁଜିଲ୍ୟାଣ୍ଡର ୯ ଜଣ ବ୍ୟାଟର ଆଉଟ ହୋଇଛନ୍ତି । ଦ୍ୱିତୀୟ ଦିନର ଖେଳ ଶେଷ ଶେଷ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୯ ୱିକେଟ ହରାଇ ୧୭୧ ରନ କରିଛି । ଦିବସର ଶେଷ ବ୍ୟାଟର ଭାବେ ମ୍ୟାଟ ହେନରୀ ୧୦ ରନ କରି ଆଉଟ ହେବା ପରେ ଅମ୍ପାୟାର ଷ୍ଟମ୍ପ ଅପସାରଣ କରିଛନ୍ତି । ଏହି ସମୟରେ ଏଜାଜ ପଟେଲ ୭ ରନ କରି ରହିଥିଲେ । ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟରେ ବଲରେ କମାଲ କରିଛନ୍ତି ରବୀନ୍ଦ୍ର ଜାଡେଜା । ସେ ଏକାକୀ ୪ ୱିକେଟ ନେଇଥିବା ବେଳେ ତାଙ୍କ ସିନି।ର ଯୋଡ଼ି ରବି ଅଶ୍ୱିନଙ୍କ ଖାତାକୁ ୩ ୱିକେଟ ଯାଇଛି । ଆକାଶ ଦୀପ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି । ପ୍ରଥମ ଇନିଂସରେ ଜାଡେଜା ୫ଟି ଓ ୱାଶିଂଟନ ସୁନ୍ଦର ୪ଟି ୱିକେଟ ନେଇଥିଲେ । ନ୍ୟୁଜିଲ୍ୟାଣ୍ଡ ପାଇଁ ଦ୍ୱିତୀୟ ଇନିଂସରେ ୱିଲୟାଙ୍ଗ ପୁଣି ଅର୍ଦ୍ଧଶତକ ହାସଲ କରିଛନ୍ତି । ହେଲେ ସେ ୫୧ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଯାଇଛନ୍ତି । ଆଜି ଭାରତ ୮୬/୪ରୁ ଖେଳ ଆରମ୍ଭ କରିଥିଲା । ଶୁବମନ ଗିଲଙ୍କ ୯୦ ଓ ଋଷଭ ପନ୍ତଙ୍କ ୬୦ ରନ ବଳରେ ଭାରତୀୟ ଟିମ ଟ୍ରି ବ୍ରେକ ପୂର୍ବରୁ ୨୬୩ ରନ କରି ଅଲଆଉଟ ହୋଇଯାଇଥିଲା । ନ୍ୟୁଜିଲ୍ୟାଣ୍ଡ ପାଇଁ ଏଜାଜ ପଟେଲ ସର୍ବାଧିକ ୫ ୱିକେଟ ନେଇଥିଲେ । ଭାରତ ୨୬୩ ରନରେ ଅଲଆଉଟ ହୋଇଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ୨୮ ରନର ଲିଡ ହାସଲ କରିଥିଲା । ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସ ଆରମ୍ଭରୁ ଅଧିନାୟକ ଟମ ଲାଥମ(୨)ଙ୍କୁ ହରାଇଥିଲା । ତାଙ୍କ ୱିକେଟ ଆକାଶ ଦୀପ ନେଇଥିଲେ । ଟି ବ୍ରେକ ପରେ କମାଲ କରିଥିଲେ ଅଶ୍ୱିନ ଓ ଜାଡେଜା ଯୋଡ଼ି । ଏହାପୂର୍ବରୁ ୱାଶିଂଟନ ସୁନ୍ଦର ୨୨ ରନ କରିଥିବା ଡେଭନ କନୱେଙ୍କ ୱିକେଟ ନେଇଥିଲେ । ରଚିନ ରବୀନ୍ଦ୍ର(୪) ଅଶ୍ୱିନଙ୍କ ଶିକାର ବନିବା ପରେ ନ୍ୟୁଜିଲ୍ୟାଣ୍ଡ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲା । ଡାରେଲ ମିଚେଲ ଓ ୟଙ୍ଗ ୪ର୍ଥ ୱିକେଟ ପାଇଁ ୫୦ ରନ ଯୋଡ଼ିଥିଲେ । ହେଲେ ୨୧ ରନ କରିଥିବା ମିଚେଲଙ୍କୁ ଜାଡେଜା ଚମତ୍କାର ଢଙ୍ଗରେ ଅଶ୍ୱିନଙ୍କ ବଲରେ ଆଉଟ କରି ଦେଇଥିଲେ । ଏହାପରେ ୱିକେଟ ଝଡ଼ିବା ଆ।ରମ୍ଭ ହୋଇଥିଲା । ଟମ ବ୍ଲଣ୍ଡେଲ(୪), ଗ୍ଲେନ ଫିଲିପ୍ସ (୨୬) ଓ ଇଶ ଶୋ(୮) ୧୪୮ ରନ ଭିତରେ ଆଉଟ ହୋଇଥିଲେ । ଏହାପରେ ୫୧ ରନ କରିଥିବା ୟଙ୍ଗଙ୍କୁ ଅଶ୍ୱିନ ଆଉଟ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲେ । ଏଜାଜ ପଟେଲ ଓ ହେନରୀ ୯ମ ୱିକେଟ ପାଇଁ ୨୧ ରନ ଯୋଡ଼ିଥିଲେ ହେଁ ଏହାକୁ ଜାଡେଜା ଭାଙ୍ଗି ଦେଇଥିଲେ । ହେନରୀ ୧୦ ରନ କରି ଜାଡେଜାଙ୍କ ବଲରେ ବୋଲ୍ଡ ହେବା କ୍ଷଣି ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ହୋଇଥିଲା ।

ସିଏସ୍‌କେ ପାଇଁ ଖେଳିବେ ପନ୍ତ !

ନୂଆଦିଲ୍ଲୀ,୨।୧୧ : ଆଇପିଏଲ ୨୦୨୫ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ରିଷଭ ପନ୍ତଙ୍କୁ ମୁକ୍ତ କରିଛି । ପନ୍ତ ୨୦୧୬ରେ ଆଇପିଏଲ ଡେବ୍ୟୁ କରିଥିଲେ ଏବଂ ସେବେଠାରୁ ସେ ଦିଲ୍ଲୀର ଏକ ଅଂଶ ହୋଇ ରହିଥିଲେ । କିନ୍ତୁ ବର୍ତ୍ତମାନ ଫ୍ରାଞ୍ଚାଇଜ ତାଙ୍କ ହାତ ଛାଡି ଦେଇଛି । ପନ୍ତଙ୍କ ରିଲିଜ୍ ପରେ ତୁରନ୍ତ ଏହା ସ୍ପଷ୍ଟ ହୋଇଗଲା ଯେ ସେ ୨୦୨୫ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିବ । ଏମଏସ ଧୋନୀଙ୍କ ନିକଟତର ଜଣେ ଏହା ପ୍ରକାଶ କରିଛନ୍ତି ।

ସେ ଅନ୍ୟ କେହି ନୁହନ୍ତି ବରଂ ଧୋନୀଙ୍କ ଅତି ଘନିଷ୍ଠ ତଥା ପ୍ରିୟ ବନ୍ଧୁ ସୁରେଶ ରାଇନା ଏହି ଖବରର ରାଜ୍ ଖୋଲି କହିଛନ୍ତି, ପନ୍ତ ଖୁବ ଶୀଘ୍ର ଚେନ୍ନାଇର ହଳଦିଆ ଜର୍ସି ପିନ୍ଧିଥିବାର ନଜର ଆସିବେ । ରାଇନା କହିଛନ୍ତି, ମୁଁ ଦିଲ୍ଲୀରେ ଧୋନୀଙ୍କୁ ଭେଟିଥିଲି ଏବଂ ପନ୍ତ ମଧ୍ୟ ସେଠାରେ ଥିଲେ । କେହି ଜଣେ ଶୀଘ୍ର ହଳଦିଆ ଜର୍ସି ପିନ୍ଧିବେ ।

ରାଇନାଙ୍କ ଏହି ବିବୃତି ସ୍ପଷ୍ଟ କରୁଛି ଯେ ଚେନ୍ନାଇ ଆଇପିଏଲ ୨୦୨୫ର ମେଗା ନିଲାମରେ ପନ୍ତଙ୍କୁ କିଣିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବ । ପ୍ରକାଶ ଥାଉକି, ରଖାଯାଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ ପାଇବା ପୂର୍ବରୁ ମଧ୍ୟ ଅନେକ ରିପୋର୍ଟ ଦାବି କରିଥିଲେ ଯେ ପନ୍ତଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସରୁ ମୁକ୍ତ କରାଯିବ ଏବଂ ତାଙ୍କୁ ଆଗାମୀ ସିଜନରେ ଚେନ୍ନାଇ ସୁପର କିଙ୍ଗ୍ସର ଜର୍ସିରେ ଦେଖିବାକୁ ମିଳିବ । ବର୍ତ୍ତମାନ ଆଇପିଏଲ ୨୦୨୫ ରେ କେଉଁ ଦଳରେ ପନ୍ତଙ୍କୁ ଦେଖିବାକୁ ମିଳିବ ତାହା ଆକର୍ଷଣୀୟ ହେବ ।

ପ୍ୟାରିସ୍ ଅଲିମ୍ପିକ୍ସରେ ୪୮% କ୍ରୀଡ଼ାବିତଙ୍କୁ ଶୋଷଣ

ନୂଆଦିଲ୍ଲୀ,୨।୧୧: ପ୍ୟାରିସ୍ ଅଲିମ୍ପିକ୍ସରେ ଟ୍ରାକ୍ ଓ ଫିଲ୍ଡ କ୍ରୀଡ଼ାବିତମାନେ ଜାତିଆଣ ଭେଦଭାବ କିମ୍ବା ଯେନ ଶୋଷଣର ଶିକାର ହୋଇଛନ୍ତି । ବିଶ୍ୱ ଦେଡ଼କୁଦ ମହାସଂଘ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ୧୯୦୦ରୁ ଅଧିକ ଆକାଉଣ୍ଟର ଅନୁଶୀଳନ କରିବା ପରେ ଏହି ରିପୋର୍ଟ ପ୍ରକାଶ କରିଛି । ମୋଟ୍ କ୍ରୀଡ଼ାବିତଙ୍କ ମଧ୍ୟରୁ ୪୮ ପ୍ରତିଶତ ଖେଳାଳି ଉକ୍ତ ଦୁଇ ପ୍ରକାର ଶୋଷଣର ଶିକାର ହୋଇଥିଲା ବେଳେ ୩୨ ପ୍ରତିଶତ ଖେଳାଳି ସାଧାରଣ ଶୋଷଣର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ଅଲିମ୍ପିକ୍ସ ଆରମ୍ଭର ୨୪ ଘଣ୍ଟା ପୂର୍ବରୁ ଓ ଶେଷ ହେବାର ୨୪ ଘଣ୍ଟା ପର୍ଯ୍ୟନ୍ତ ୧୯୧୭ ଜଣ ଖେଳାଳି ଓ ମ୍ୟାଚ୍ ପରିଚାଳନା ଅଧିକାରୀମାନଙ୍କ ଆକାଉଣ୍ଟ ଉପରେ ଏହି ବିଶ୍ୱ ସଂଗଠନ ତଦାରଖ କରୁଥିଲା । ଗବେଷଣା ପାଇଁ ନିଆଯାଇଥିବା ନମୁନା ସଂଖ୍ୟା ୨୦୨୧ ଟୋକିଓ ଅଲିମ୍ପିକ୍ସ ତୁଳନାରେ ୧୨ ଗୁଣା ଅଧିକ ବୋଲି କୁହାଯାଇଛି ।

ଶୋଷଣ ମାମଲା ଭିତରୁ ଜାତିଆଣ ଆକ୍ଷେପ ସବୁଠୁ ଅଧିକ ହୋଇଥିଲା ବେଳେ ପୁରୁଷମାନେ ଏହାର ଅଧିକ (ମୋଟ ଶୋଷଣର ୨୬ ପ୍ରତିଶତ) ଶିକାର ହୋଇଛନ୍ତି । ମହିଳା କ୍ରୀଡ଼ାବିତମାନେ ଯେନ ଶୋଷଣ ଓ ଅଶ୍ଳୀଳ ଇଙ୍ଗିତର ଶିକାର ହୋଇଛନ୍ତି । ବିଶ୍ୱ ଦେଡ଼କୁଦ ସଂଘର ସଭାପତି ସେବାଷ୍ଟିଏନ୍ କୋଏ କହିଛନ୍ତି, ସାମାଜିକ ଗଣମାଧ୍ୟମରେ କ୍ରୀଡ଼ାବିତଙ୍କୁ ଶୋଷଣ କରାଗଲେ ତାହା ତାଙ୍କର ମାନସିକ ସ୍ୱାସ୍ଥ୍ୟ ଓ ପ୍ରଦର୍ଶନ ଉପରେ ବଡ଼ ପ୍ରଭାବ ପକାଉଛି । କ୍ରୀଡ଼ାବିତଙ୍କୁ ସେମାନଙ୍କ ପ୍ରଶଂସକଙ୍କ ସହ ଯୋଡ଼ି ରହିବା ପାଇଁ ତଥା ପ୍ରାୟୋଜକଙ୍କ ସାମଗ୍ରୀର ପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଆବଶ୍ୟକତା ରହିଛି । କିନ୍ତୁ ଏକ ସୁରକ୍ଷିତ ପରିବେଶ ମଧ୍ୟରେ ସେମାନେ ଏହାକୁ ବ୍ୟବହାର କରିବା ଉଚିତ । କିଛି କ୍ରୀଡ଼ାବିତ ସଚେତନତା ସୃଷ୍ଟି ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛନ୍ତି । ତେଣୁ ବିଶ୍ୱ ଦେଡ଼କୁଦ ସଂଘ ଏହି ଗବେଷଣାକୁ ସକାରାତ୍ମକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଆଗେଇ ନେବ ବୋଲି ସେବାଷ୍ଟିଏନ୍ କହିଛନ୍ତି ।

୮୦୦ ରନ ପାରକଲେ ଶୁବମନ ଗିଲ୍

ମୁମ୍ବାଇ,୨।୧୧: ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଇନିଂସରେ ଏକ ନିଶ୍ଚିତ ଶତକକୁ ହାତ ଛଡ଼ା କରିଛନ୍ତି ଭାରତର ଯୁବ ବ୍ୟାଟର ଶୁବମନ ଗିଲ୍ । ସେ ଦମଦାର ବ୍ୟାଟିଂ କରିଥିଲେ ହେଁ ଶତକ ଠାରୁ ୧୦ ରନ ଦୂରରେ ରହିଯାଇଛନ୍ତି । ସେ ୯୦ ରନ କରି ୮ମ ବ୍ୟାଟର ଭାବେ ଆଉଟ ହୋଇଥିଲେ । ତାଙ୍କୁ ଏଜାଜ ପଟେଲ ୯୦ ରନରେ ଆଉଟ କରି ଶତକ ହାସଲ କରିବାକୁ ଦେଇ ନଥିଲେ ହେଁ ଗିଲ ଟେଷ୍ଟ କ୍ରିକେଟରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ମୁମ୍ବାଇର ୱାଙ୍ଖେଡେରେ ୯୦ ରନର ଇନିଂସ ଖେଳିବା ପରେ ଗିଲ ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ୮୦୦ ରନ ପୂରଣ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି । ଯଶସ୍ୱୀ ଜୈସୱାଲଙ୍କ ପରେ ସେ ଭାରତ ପାଇଁ ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ସବୁଠାରୁ ଅଧିକ ରନ କରିଛନ୍ତି ।

ପ୍ରଥମ ଇନିଂସର ୭ମ ଓଭରରେ ଗିଲ୍ ଶୁକ୍ରବାର ବ୍ୟାଟିଂ କରିବାକୁ ଆସିଥିଲେ । ପ୍ରଥମେ ସେ ବେଶ ସତର୍କତାର ସହ ବ୍ୟାଟିଂ କରିଥିଲେ । ପିଚ୍ରେ ନିଜକୁ ସେଟ କରିବା ପରେ ପ୍ରଥମ ଦିନରେ ହିଁ ଯଶସ୍ୱୀ ଜୈସୱାଲଙ୍କ ସହ ମିଶି ଦ୍ୱିତୀୟ ୱିକେଟ ପାଇଁ ୫୦ ରନର ଭାଗିଦାରୀ କରିଥିଲେ । ସେ ୱିକେଟର ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ଭାରତ ପ୍ରଥମ ଦିନ ୭୮/୧ରୁ ୮୪/୪ରେ ପହଞ୍ଚି ଯାଇଥିଲା । ଭାରତ ସଙ୍କଟରେ ପଡ଼ିଥିବାରୁ ଆଜି ଦ୍ୱିତୀୟ ଦିନରେ ଗିଲ ଓ ଋଷଭ ପନ୍ତଙ୍କ କାନ୍ଧରେ ସବୁ କିଛି ରହିଥିଲା । ଗିଲ ଆଜି ୩୧ ରନରୁ ନିଜ ଇନିଂସକୁ ଆଗକୁ ନେଇଥିଲେ । ପ୍ରଥମ ଓଭରରେ ପନ୍ତ ୩ଟି ଚୌକା ମାରି ଦଳକୁ ଭଲ ଷ୍ଟାର୍ଟ ଦେଇଥିଲେ । ଗିଲ ମଧ୍ୟ ଭଲ ଲୟରେ ନଜର ଆସିଥିଲେ । ତେବେ ଗିଲ୍ ୪୫ ରନ କରିଥିବା ବେଳେ ଗ୍ଲେନ ଫିଲିପ୍ସଙ୍କୁ ବଡ଼ ଶଟ ମାରିବାକୁ ଚେଷ୍ଟା କରିଥିଲେ । ସେ ଆଉଟ ହେବାର ସୁଯୋଗ ରହିଥିଲେ ହେଁ ବାଉଣ୍ଡରୀ ପାଖରେ ବଦଳ ଖେଳାଳି ଭାବେ ଫିଲ୍ଡିଂ କରିଥିବା ମାର୍କ ଚାପମାନ କ୍ୟାଚ୍ ଛାଡ଼ି ଦେଇଥିଲେ ।

ଏହାପରେ ଗିଲ୍ ସତର୍କତାର ସହ ବ୍ୟାଟିଂ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଅର୍ଦ୍ଧଶତକ । ସେହିପରି ବାଂଲାଦେଶ ବିପକ୍ଷ ଚେନ୍ନାଇ ଟେଷ୍ଟ ପରେ ତାଙ୍କ ବ୍ୟାଟରୁ ବଡ଼ ସ୍କୋର ଦେଖିବାକୁ ମିଳିଛି । ପନ୍ତ ୬୦ ରନ କରି ଆଉଟ ହେବା ପରେ ଗିଲ ଲ ଯାଏ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ଲଞ୍ଚ ସୁଦ୍ଧା ଭାରତର ସ୍କୋର ୧୯୫ରେ ୫ ରହିଥିଲା । ତେବେ ଲଞ୍ଚ ପରେ ରବୀନ୍ଦ୍ର ଜାଡେଜା ଓ ସର୍ଫରାଜ ଖାନ ସଅଳ ଆଉଟ ହୋଇଯାଇଥିଲେ । ଗିଲ୍ ଗିୟର ବଦଳାଇ ପିଲିପ୍ସଙ୍କୁ ୨ଟି ଚୌକା ମାରି ବ୍ୟକ୍ତିଗତ ଭାବେ ୮୦ ରନରେ ପହଞ୍ଚି ଯାଇଥିଲେ । ଏହାପରେ ସେ ୯୦ ରନରେ ପହଞ୍ଚିଥିଲେ । କିନ୍ତୁ ଏଜାଜ ପଟେଲଙ୍କ ବଲରେ ସେ ସ୍ଲିପରେ ଜଗିଥିବା ଡାରେଲ ମିଚେଲଙ୍କ ହାତରେ କ୍ୟାଚ ଆଉଟ ହୋଇଯାଇଥିଲେ । ଗିଲ ୭ଟି ଚୌକା ଓ ଗୋଟିଏ ଛକା ବଳରେ ୯୦ ରନ କରିଛନ୍ତି । ସେ ଚଳିତ ବର୍ଷ ୧୦ଟି ଟେଷ୍ଟରେ ୫୩.୬୬ ହାରରେ ମୋଟ ୮୦୫ ରନ କରି ସାରିଲେଣି ।

ସୂର୍ଯ୍ୟ-ହାର୍ଦ୍ଦିକଙ୍କ ଠାରୁ କମ୍ ଦରମାରେ ଖେଳିବେ ରୋହିତ

ନୂଆଦିଲ୍ଲୀ,୨।୧୧: ଆଇପିଏଲ ୨୦୨୫ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚ ଖେଳାଳିଙ୍କୁ ରିଟେନ କରିଛି । ସେମାନଙ୍କ ନାମ ଜସପ୍ରୀତ ବୁମ୍ରା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରୋହିତ ଶର୍ମା ଏବଂ ତିଳକ ବର୍ମା । ଦରମା ଦୃଷ୍ଟିରୁ ରୋହିତଙ୍କୁ ବୁମ୍ରା, ପାଣ୍ଡ୍ୟା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ତଳେ ରଖାଯାଇଛି । ବର୍ତ୍ତମାନ ମୁମ୍ବାଇର ପୂର୍ବତନ ଅଧିନାୟକ କହିଛନ୍ତି ଯେ ଦଳକୁ ମଜଭୁତ କରିବାକୁ ଏମଆ।ଇ ୫ ଖେଳାଳିଙ୍କୁ ରିଟେନ କରିଛି ।

ରୋହିତ ଶର୍ମା କହିଛନ୍ତି ଯେ ଯେଉଁ ନମ୍ବରରେ ତାଙ୍କୁ ରଖାଯାଇଛି ତାହା ତାଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେ କହିଛନ୍ତି, ଯେହେତୁ ମୁଁ ଅବସର ନେଇଛି, ତେଣୁ ଏହା ମୋ ପାଇଁ ଏକ ଉପଯୁକ୍ତ । ଆନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କୁ ପ୍ରାଥମିକତା ଦିଆଯିବା ଉଚିତ । ଆଇପିଏଲ ୨୦୨୪ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲରେ ଶେଷ ସ୍ଥାନରେ ରହିଥିଲା । ସେହି ପ୍ରଦର୍ଶନକୁ ମନେ ପକାଇ ରୋହିତ କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଦଳ ଭଲ କରିବା ପାଇଁ ଦଳ ତାର ସମସ୍ତ ଚେଷ୍ଟା କରିବ । ସେ କହିଛନ୍ତି, ଆମେ ମୁମ୍ବାଇକୁ ମଜବୁତ କରିବାକୁ ଚେଷ୍ଟା କରିଛୁ । ବର୍ତ୍ତମାନ ଆମର ଲକ୍ଷ୍ୟ ହେଉଛି ନିଲାମରେ ଏପରି ଖେଳାଳି ଚୟନ କରିବା ଯିଏ ଆମ ପାଇଁ ମ୍ୟାଚ ବିଜେତା ବୋଲି ପ୍ରମାଣ କରିପାରିବ ।

ବିରାଟ ଆରସିବି ଅଧିନାୟକ ହେବାକୁ ଯୋଗ୍ୟ ନୁହନ୍ତି

ନୂଆଦିଲ୍ଲୀ,୨।୧୧: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପରବର୍ତ୍ତୀ ଅଧିନାୟକ କିଏ ହେବ ? ଏବେ ଏହା ଏକ ବହୁତ ବଡ ପ୍ରଶ୍ନ କାରଣ ଗତ ୩ସିଜିନରେ ଦଳର ନେତୃତ୍ୱ ନେଉଥିବା ଅଭିଜ୍ଞ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ୍ ଫାଫ୍ ଡୁ ପ୍ଲେସିସଙ୍କୁ ୪୦ବର୍ଷ ବ।ସ ହୋଇଛି । ବୟସ ଅଧିକ ହୋଇଥିବାରୁ ଫ୍ରାଞ୍ଚାଇଜ୍ ଏଥର ତାଙ୍କୁ ଦାୟିତ୍ୱ ଦେବ ନାହିଁ ବୋଲି ଚର୍ଚ୍ଚା ହେଉଛି । ନିଲାମ ସମୟରେ, ଦଳ ଆଗାମୀ ତିନି ବର୍ଷକୁ ଧ୍ୟାନରେ ରଖି ଖେଳାଳିମାନଙ୍କୁ ବାଛିବ । ଯଦି ଆଗାମୀ ୩ଟି ସିଜିନ ପାଇଁ ପ୍ଲେସିସଙ୍କୁ ଦଳ ବାଛେ ତେବେ ସେ ୪୩ବର୍ଷର ହୋଇଯିବେ । ଏଭଳି ପରିସ୍ଥିତିରେ, ଫ୍ରାଞ୍ଚାଇଜ୍ ତାଙ୍କୁ ଏଥର ଦଳରେ ଅନ୍ତର୍ଭୁକ୍ତ କରିବାର ସମ୍ଭାବନା ବହୁତ କମ୍ ଥିବା ପରି ମନେହେଉଛି ।

ଏମଧ୍ୟରେ ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କୁ ପୁଣି ଥରେ ଦଳ ଅଧିନାୟକ କରିବ ବୋଲି ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚା ମଧ୍ୟରେ ବିରାଟ ଆରସିବି ଅଧିନାୟକ ହେବାକୁ ଯୋଗ୍ୟ ନୁହନ୍ତି ବୋଲି କହିଛନ୍ତି ପୂର୍ବତନ କ୍ରିକେଟର ତଥା କମେନଟେଟର ସଞ୍ଜୟ ମାଞ୍ଜରେକର । ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ସେ ବିରାଟ କୋହଲି ହୋଇଥିବାରୁ ୯୫ପ୍ରତିଶତ ପ୍ରଶଂସକ ଚାହୁଁଛନ୍ତି ଯେ ସେ ଅଧିନାୟକ ହୁଅନ୍ତୁ । କିନ୍ତୁ ଯଦି ଆମେ କେବଳ ତାଙ୍କ ପ୍ରଦର୍ଶନ ଦେଖି ତାଙ୍କୁ ଚୟନ କରିବାକୁ ଭାବିବା, ତାହେଲେ ସେ ସେତେ ଭଲ ନୁହନ୍ତି । ପ୍ରଶଂସକଙ୍କୁ ମୋର କେବଳ ଗୋଟିଏ ପ୍ରଶ୍ନ ଯଦି ବିରାଟ କୋହଲିଙ୍କ ବଦଳରେ ଆଉ କେହି କ୍ରିକେଟର ବିକଳ୍ପରେ ରହିଥାନ୍ତେ, ତାହେଲେ ଆପଣ ବିରାଟ କୋହଲିଙ୍କୁ ଅଧିନା।କ କରିବାକୁ ଭାବିଥାନ୍ତେ କି ? ମୋ ହିସାବରେ ନାଁ । ଆପଣ ସେତେବେଳେ କେବଳ ଆଇପିଏଲରେ ତାଙ୍କର ପ୍ରଦର୍ଶନ, ବ୍ୟାଟିଂ ଏବଂ ଅଧିନାୟକତ୍ୱ ଭାବେ ସେ କରିଥିବା ପ୍ରଦର୍ଶନକୁ ଦେଖିଥାନ୍ତେ ଏସବୁ ଦେଖିବା ପରେ କେବେ ବି ଆପଣ ବିରାଟଙ୍କୁ ଅଧିନାୟକ କରିବାକୁ କହିନଥାନ୍ତେ ।

ସହିଦ ଭଗତ ସିଂ ଫୁଟବଲ କ୍ଲବ ପକ୍ଷରୁ ଅଣ୍ଡର ୧୮ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

ରାଇଘର,୨।୧୧ : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପତ୍ରକୋଟି ସହିଦ ଭଗତ ସିଂ ଫୁଟବଲ କ୍ଲବ ପକ୍ଷରୁ ଆଜି ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟନୀ ଦିବସ ଅନୁଷ୍ଠିତ ହୋଇଯାଇଛି । ଖେଳ ହେଉଛି ଭାଇଝରା ବଢାଇବାର ଗୋଟିଏ ମାଧ୍ୟମ, ବର୍ତ୍ତମାନର ଯୁବ ପିଢ଼ି ଆଉଟ ଡୋର ଗେମ୍‌ରୁ ଦୁରେଇ ଇନ ଡୋର ଗେମ୍‌କୁ ପସନ୍ଦ କରୁଥିବାରୁ ଲୋକଙ୍କୁ ସଚେତନ କରିବାର ଏକ ମାଧ୍ୟମକୁ ବୁଝିଛନ୍ତି ରାଇଘର ପତ୍ରକୋଟି ସାହି ର କୁନି କୁନି ପିଲା ମାନେ ତେ